## ସଂକ୍ଷେପରେ

### ଦେବାଶିଷ ବିଧାୟକଙ୍କ ପୌରାଞ୍ଚଳ ପ୍ରତିନିଧି



**ଢେଙ୍କାନାଳ ଅଫିସ,୧୨।୧୦**
ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲଙ୍କ ପୌରାଞ୍ଚଳ ପ୍ରତିନିଧି ଭାବେ ଆଇନଜୀବୀ ଦେବାଶିଷ ମିଶ୍ର ନିଯୁକ୍ତ ହୋଇଛନ୍ତି। ପୌରାଞ୍ଚଳର ଜନସାଧାରଣଙ୍କ ସମସ୍ୟାକୁ ଅଗ୍ରାଧିକାର ଦିଆଯିବା ସହ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ନେଇ ସେ କାର୍ଯ୍ୟ କରିବେ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ନିଯୁକ୍ତି ପାଇବା ପରେ ଦେବାଶିଷ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

**କାମାକ୍ଷାନଗର, ୧୨।୧୦(ଡି.ଏନ.ଏ.):**
ଢେଙ୍କାନାଳ ଜିଲା କଙ୍କଡାହାଡ଼ରେ ଶୁକ୍ରବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ କାର୍ତ୍ତିକ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ କରଗୋଳା ପଞ୍ଚାୟତ ଡଙ୍ଗାପାଳ ଗ୍ରାମରୁ ଆରମ୍ଭ ହୋଇଥିଲା। ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ଘରେ ଘରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଏହାପରେ କଙ୍କଡ଼ାହାଡ଼ ପଞ୍ଚାୟତରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପରଜଙ୍ଗ ସମିତି ଅଧକ୍ଷ ଅକ୍ଷୟ ବେହେରା, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ତାପସ ପାଣି, ଶାନ୍ତନୁ ପଣ୍ଡା, ରାଜକିଶୋର ସାହୁ, ବିଷ୍ଣୁ ପଣ୍ଡା ପ୍ରମୁଖ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ।

### ସନ୍‌ରାଇଜ କ୍ଲବର ନୂତନ କର୍ମକର୍ତ୍ତା

**ରାସୋଳ, ୧୨।୧୦(ଡି.ଏନ.ଏ.):**
ରାସୋଳ ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସନ୍‌ରାଇଜ କ୍ଲବର ୪୫ତମ ସାଧାରଣ ବୈଠକ ଓ କର୍ମକର୍ତ୍ତା ଚୟନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଦସ୍ୟ ଧରଣୀଧର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବିଗତ ବର୍ଷର ଆୟବ୍ୟୟ ଉପରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ପାଇଁ ସଭାପତି ଭାବେ ଭାସ୍କର ଚନ୍ଦ୍ର ନାୟକ, ଉପସଭାପତି ଅମିୟ ମିଶ୍ର, ସମ୍ପାଦକ ସନ୍ତୋଷ ସାହୁ, ସହ ସମ୍ପାଦକ ଅଜୟ ସାହୁ, କ୍ରୀଡ଼ା ସମ୍ପାଦକ ସୁଦର୍ଶନ ସାହୁ, ସାଂସ୍କୃତିକ ସମ୍ପାଦକ ଅକ୍ଷୟ ସାହୁ, କୋଷାଧକ୍ଷ ବିଚିତ୍ରାନନ୍ଦ ସାହୁଙ୍କୁ ଚୟନ କରାଯାଇଛି। ରୋହିତ ସାହୁ, ପ୍ରଫୁଲ୍ଲ ସାହୁ, ରବୀନ୍ଦ୍ର ମହାରଣା, ନିରଞ୍ଜନ ବୈଦ୍ୟ କାର୍ଯ୍ୟକାରିଣୀ ସଦସ୍ୟଭାବେ ଚୟନ ହୋଇଛନ୍ତି। ଧରଣୀଧର ସାହୁ, ସୁକାନ୍ତ ସର, ତ୍ରିନାଥ ଚିନ୍ନାରା ଉପଦେଷ୍ଟା ମଣ୍ଡଳୀରେ ସ୍ଥାନ ପାଇଛନ୍ତି। ହିସାବ ନିରୀକ୍ଷକ ଭାବେ ରବିନାରାୟଣ ପୃଷ୍ଟି, କବିଚନ୍ଦ୍ର ସାହୁ, ଆଇନ ପରାମର୍ଶଦାତା ଭାବେ ଉମେଶଚନ୍ଦ୍ର ଖୁଣ୍ଟିଆଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି।

### ଉତ୍କଳମଣିଙ୍କ ଜୟନ୍ତୀ ପାଳିତ

**ଢେଙ୍କାନାଳ ଅଫିସ, ୧୨।୧୦:**
ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଙ୍କଡ଼ି ସରକାରୀ ଉପ୍ରା ସ୍କୁଲରେ ଶୁକ୍ରବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲରେ ସ୍ଥାପିତ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅଭିରାମ ସାହୁ, ସହକାରୀ ଶିକ୍ଷକ ଶୈଳେନ୍ଦ୍ର ନାୟକ, ସୁଜାତା ସିଂ, ପ୍ରଦୀପ ଭୋଇ, ବସନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲ ପରିସର ସଫେଇ କରାଯାଇଥିଲା। ପଦ୍ୟ ଆବୃତ୍ତି, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଆଜି ବିରାଜିବେ ମା' ଲକ୍ଷ୍ମୀ

**ଢେଙ୍କାନାଳ ଅଫିସ, ୧୨।୧୦**



ଗଣପର୍ବ ଲକ୍ଷ୍ମୀପୂଜାକୁ ନେଇ ଉତ୍ସବମୁଖର ହୋଇଉଠିଛି ଢେଙ୍କାନାଳ। ରଙ୍ଗିନ ଆଲୋକମାଳାରେ ଝଲସୁଛି ସହର। ସବୁଠି ଉତ୍ସାହ ଉଦ୍ଦୀପନା। ମା'ଙ୍କ ଅପେକ୍ଷାରେ ପୂଜାମଣ୍ଡପ। ରବିବାର ରାତିରୁ ମା' ଧନଦାତ୍ରୀ ଧରାବରଣ କରିବେ। ଏହାକୁ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ମୃଣ୍ମୟୀ ମୂର୍ତ୍ତିକୁ ଶେଷ ସ୍ପର୍ଶ ଦେଉଛନ୍ତି କାରିଗର।

ପବିତ୍ର କୁମାର ପୂର୍ଣ୍ଣିମା ତିଥିରୁ ମଣ୍ଡପରେ ଦର୍ଶନ ଦେବେ ସିନ୍ଧୁସୁତା।

■ରଙ୍ଗିନ ଆଲୋକମାଳାରେ ଝଲସୁଛି ସହର
■ଆବାହନ ପାଇଁ ୩୮ ମଣ୍ଡପରେ ପ୍ରସ୍ତୁତି ଶେଷ

୨୩ ତାରିଖ ଯାଏ ପୂଜା ଉତ୍ସବ ଅନୁଷ୍ଠିତ ହେବ। ୨୪ ତାରିଖରେ ଧରାପୃଷ୍ଠରୁ ବିଦାୟ ନେବେ ମା'। ଚଳିତବର୍ଷ ୩୮ ମଣ୍ଡପରେ ପୂଜା ଅନୁଷ୍ଠିତ ହେଉଛି। ଜବାହରଚୌକ ପୂଜା ପ୍ରତିଷ୍ଠାନ ୭୫ବର୍ଷ ଏବଂ କୋରିଆଁସ୍ଥିତ ସ୍ୱପ୍ନେଶ୍ୱର ବଜାର ୫୦ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଛନ୍ତି। ମିନାବଜାର, କୈବଲ୍ୟ ବଜାର, ଗଣେଶ ବଜାର, ଗୁଡିଆନାଳୀ ପ୍ରମୁଖ ପୂଜା ଅନୁଷ୍ଠାନ ପକ୍ଷରୁ ଚାନ୍ଦିମେଢ଼ କରାଯାଉଛି। ପୂଜା ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପୂଜା କମିଟି କର୍ମକର୍ତ୍ତା ଲାଗିପଡ଼ିଛନ୍ତି। ଅଧିକାଂଶ ସ୍ଥାନରେ ଐତିହ୍ୟ, ପରମ୍ପରାକୁ ମଣ୍ଡପରେ ସ୍ଥାନିତ କରିଛନ୍ତି। ତଦନୁଯାୟୀ ମୂର୍ତ୍ତି, ପାର୍ଶ୍ୱମୂର୍ତ୍ତି ନିର୍ମାଣ ହୋଇଛି। ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳା ସହର ଇନ୍ଦ୍ରପୁରୀର ଭ୍ରମ ସୃଷ୍ଟି କରିଛି। ପୂଜା ପାଇଁ ଶତାଧିକ ଉଠାଦୋକାନୀ ପସରା ମେଲାଇଲେଣି। ମନୋରଞ୍ଜନ ଲାଗି ମିନାବଜାର ମଧ୍ୟ ଖୋଲିଲାଣି।

ଲକ୍ଷ୍ମୀପୂଜା ଅବସରରେ ମହିଷାପାଟ ପଡ଼ିଆରେ ପ୍ରଥମ ଥର ପାଇଁ ଜାତୀୟସ୍ତରୀୟ ସରସ ମେଳା ଆୟୋଜନ କରାଯାଉଛି। ଏହି ମେଳା ୧୪ ତାରିଖରୁ ଆରମ୍ଭ ହୋଇ ୨୩ ଯାଏ ଚାଲିବ। ଗ୍ରାମାଞ୍ଚଳର କାରିଗରଙ୍କ ଦ୍ୱାରା ହସ୍ତଶିଳ୍ପ, ଘରୋଇ ଉପକରଣ ସାମଗ୍ରୀ ସହିତ ସ୍ୱାଦିଷ୍ଟ ଖାଦ୍ୟ ଷ୍ଟଲ ପ୍ରଦର୍ଶିତ ହେବ। ସେହିପରି ୧୭ରୁ ୧୯ ତାରିଖ ଯାଏ ମହିଷାପାଟ ପଡ଼ିଆଠାରେ ଜିଲା କଳା ସଂସ୍କୃତି ସଂଘ ଆନୁକୂଲ୍ୟରେ ୩ ଦିନିଆ ଜିଲାସ୍ତରୀୟ ଲୋକକଳା ମହୋତ୍ସବ ଆୟୋଜିତ ହେବ। ଏଥିଲାଗି ମଧ୍ୟ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

ସୂଚନାଯୋଗ୍ୟ, ଢେଙ୍କାନାଳର ଐତିହ୍ୟସମ୍ପନ୍ନ ଲକ୍ଷ୍ମୀପୂଜା ୧୯୪୨ରୁ ସାର୍ବଜନୀନ ଭାବେ ଆରମ୍ଭ ହୋଇଛି। ପ୍ରଥମେ ମିନାବଜାର ଏବଂ ଏହାପରେ ଜବାହରଚୌକ, ଲକ୍ଷ୍ମୀବଜାର, ଗଣେଶ ବଜାର, ମହାବୀର ବଜାର ସମେତ ଅନ୍ୟ ପୂଜା ପ୍ରତିଷ୍ଠାନ ଏଥିରେ ସାମିଲ ହୋଇଛନ୍ତି। ଛାମୁଣ୍ଡିଆରୁ ଆରମ୍ଭ ହୋଇଥିବା ପୂଜା ଏବେ ପ୍ରତିଯୋଗିତାମୂଳକ ହେଲାଣି। ଏଥିରେ ଅଜସ୍ର ଟଙ୍କା ଖର୍ଚ୍ଚ ହେଉଛି।

## ଆଇନଶୃଙ୍ଖଳା ଜଗିବେ ୧୫ ପ୍ଲାଟୁନ ଫୋର୍ସ

ଲକ୍ଷ୍ମୀପୂଜାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଲାଗି ୧୫ ପ୍ଲାଟୁନ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏସ୍‌ପି ଅନୁପମା ଜେମ୍ସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଣେ ଅତିରିକ୍ତ ଏସ୍‌ପି, ୯ ଡିଏସ୍‌ପି, ୨୩ ଇନ୍ସପେକ୍ଟର, ୧୧୮ ଏସ୍‌ଆଇ ଓ ଏଏସ୍‌ଆଇ, ୧୮ ସେକ୍ସନ ଏପିଆର କନଷ୍ଟେବଳ, ୧୬୧ ଓଆର କନଷ୍ଟେବଳ, ୧୪ ଟ୍ରାଫିକ୍ ହାବିଲଦାର ଏବଂ ୨୫୦ ହୋମଗାର୍ଡ ନିୟୋଜିତ ହୋଇଛନ୍ତି। ସମଗ୍ର ସହରକୁ ୫ଟି ସେକ୍ଟରରେ ବିଭକ୍ତ କରାଯାଇଛି। ଏହା ମଧ୍ୟରେ ୧୮ଟି ଅସ୍ଥାୟୀ ଫାଣ୍ଡି ରହିଛି । ପ୍ରତି ସେକ୍ଟରରେ ଜଣେ ଡିଏସ୍‌ପି ଏବଂ ଅସ୍ଥାୟୀ ଫାଣ୍ଡି ଦାୟିତ୍ୱରେ ଜଣେ ଇନ୍ସପେକ୍ଟର ରହିବେ । ସେହିପରି ଟ୍ରାଫିକ୍ ପରିଚାଳନା ଲାଗି ରାତିରେ ୩ ଏବଂ ଦିନରେ ୨ ଅସ୍ଥାୟୀ ଫାଣ୍ଡି କାର୍ଯ୍ୟ କରିବ। ଯାତ୍ରୀମାନଙ୍କ ସୁବିଧା ଲାଗି ବସ୍ ରୁଟ୍‌ରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। କଟକ ଏବଂ ଅନୁଗୋଳରୁ ଆସୁଥିବା ବସ୍ କଲେଜ ବାଇପାସ୍ ଦେଇ ବସଷ୍ଟାଣ୍ଡକୁ ଯିବେ। ସେହିପରି ବସ୍‌ଷ୍ଟାଣ୍ଡରୁ କଲେଜ ବାଇପାସ୍ ଦେଇ ଗନ୍ତବ୍ୟ ସ୍ଥଳକୁ ଯିବେ। ମଦ୍ୟପ ଧରପଗଡ଼, ଲୁଟେରା, ଚୋରାମଦ କାରବାର ରୋକିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ବିଭିନ୍ନ ପୂଜାମଣ୍ଡପରେ ମା'ଙ୍କ ପ୍ରତିମାରେ ମୂଲ୍ୟବାନ ଅଳଙ୍କାର ଲାଗି ହେଉଥିବାରୁ ସେହିସବୁ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ଟ୍ରାଫିକ ନିୟନ୍ତ୍ରଣ ଓ ପାର୍କିଂ ଉପରେ ସର୍ବାଧିକ ଧ୍ୟାନ ଦିଆଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

## ବଣ୍ଟାଗଲା ଦାୟିତ୍ୱ

ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ଶନିବାର ଅପରାହ୍ନ ୫ଟାରେ ଗଣେଶ ବଜାର ସଭାଗୃହ ପରିସରରେ ମିଳିତବଜାର ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ବିଶ୍ୱନାଥ ବେହେରା ଅଧକ୍ଷତା କରିଥିଲେ। ପୂଜା ସମୟରେ ଉପୁଜୁଥିବା ସମସ୍ୟାର ତୁରନ୍ତ ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯିବ। ଆବଶ୍ୟକସ୍ଥଳେ ପ୍ରଶାସନ ସହ ଆଲୋଚନା କରାଯିବାକୁ ନିଷ୍ପତ୍ତି ହୋଇଛି। ଏହାକୁ କାର୍ଯ୍ୟକାରୀ କରିବାକୁ କମିଟି ଗଠନ କରାଯିବା ସହ ସଦସ୍ୟଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ଏହି ଅବସରରେ ବିଭିନ୍ନ ପୂଜା କମିଟି ସଦସ୍ୟ ସେମାନଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। ଜବାହରଚୌକ ପୂଜା କମିଟି ସମ୍ପାଦକ ସୁଧାଂଶୁ ଦଳେଇ, ମିନାବଜାର ପୂଜା ପ୍ରତିଷ୍ଠାନର ସମ୍ପାଦକ ପୀତବାସ ସାହୁ, ଶାନ୍ତି କମିଟି ସଦସ୍ୟଙ୍କ ସମେତ ଅନ୍ୟ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# 'ପୁରାତନ ସଂସ୍କୃତିକୁ ବଞ୍ଚାଇ ରଖିଛି ପାଲା'



କାର୍ଯ୍ୟକ୍ରମରେ ଅତିଥି, ପାଲା ଗାୟକଙ୍କ ସମେତ ଅନ୍ୟମାନେ।

**ସାତମାଇଲ, ୧୨।୧୦(ଡି.ଏନ.ଏ.)**

ପାରମ୍ପରିକ ଲୋକକଳା, ଲୋକସଂସ୍କୃତି ସର୍ବୋପରି ଐତିହ୍ୟ ଓଡ଼ିଆ ଜାତିର ପରିଚୟ। ଉଗ୍ର ଆଧୁନିକତାର ପ୍ରଭାବରେ ଯୁବପିଢ଼ି ଏଥିରୁ ବିମୁଖ ହେଉଛନ୍ତି। ପାଲା ମାଧ୍ୟମରେ ବହୁ ପୁରାତନ ସଂସ୍କୃତି ବଞ୍ଚି ରହିଛି। ସାଂସ୍କୃତିକ ଜାଗରଣ ପାଇଁ ପାଲା ହିଁ ବଳିଷ୍ଠ ମାଧ୍ୟମ ବୋଲି ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା ପରିଷଦ ସଂଘ ଶାଖା କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥିମାନେ କହିଛନ୍ତି।

ହିନ୍ଦୋଳ ବ୍ଲକ ବାଲିମିସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଫାର୍' କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଗାୟକ ପାର୍ଥବୀର ଅମାନ୍ତ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ କାର୍ତ୍ତିକ ସାମଲ, ମୁଖ୍ୟବକ୍ତା ପରିଷଦର ଜିଲା ଶାଖା କାର୍ଯ୍ୟକାରୀ ସଭାପତି ଉଦୟ କୁମାର ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ କଳା ସଂସ୍କୃତି ସଂଘ ସଦସ୍ୟ ସୁଶାନ୍ତ ପତି, ଉପସଭାପତି ବିମଳ ବିଶ୍ୱାଳ, ସ୍ଥାୟୀ ସଭାପତି ତଥା ଗାୟକ ବିଚିତ୍ରାନନ୍ଦ ପଟ୍ଟନାୟକ, ଓଡ଼ାପଡ଼ା ବ୍ଲକ ସଭାପତି ଜୟାନନ୍ଦ ରାଉତରାୟ, ଜିଲା ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ମାହୁନ୍ତ ପ୍ରମୁଖ ଯୋଗଦେଇ ପାଲା ସଂସ୍କୃତିର ପ୍ରଚାର ପ୍ରସାର ଉପରେ ମୂଲ୍ୟବାନ ପରାମର୍ଶ ଦେଇଥିଲେ।

ଏହି ଅବସରରେ ହିନ୍ଦୋଳ ପାଲା କଳାକାରଙ୍କୁ ନେଇ ନୂତନ କମିଟି ଗଠିତ ହୋଇଛି। ସଭାପତି ଭାବେ ଧ୍ରୁବଚରଣ ବିଶ୍ୱାଳ, ଉପସଭାପତି ସୁବଳ ମହାପାତ୍ର, ସମ୍ପାଦକ ଅଖିଳ ବେହେରା, ସହସମ୍ପାଦକ ନିର୍ମଳା ସର, ଯୁଗଳ କିଶୋର ବିଶ୍ୱାଳ, କଲ୍ୟାଣ ବେହେରା, କୀର୍ତ୍ତିଚନ୍ଦ୍ର ପଟ୍ଟନାୟକ, ବିନୋଦ ସାହୁ, କୋଷାଧକ୍ଷ ସୁନନ୍ଦ ରାଉତ, ଉପଦେଷ୍ଟା ବିଚିତ୍ରାନନ୍ଦ ପଟ୍ଟନାୟକ, ପାର୍ଥବୀର ଅମାନ୍ତ, ଜଗଦୀଶ ନାୟକଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଗାୟକ ସୁବଳ ମହାପାତ୍ର, ବିଚିତ୍ରାନନ୍ଦ ପଟ୍ଟନାୟକ, ସୁନନ୍ଦ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ହାତୀ ମୃତଦେହ ଉଦ୍ଧାର ଘଟଣା

## ଦାନ୍ତ ନେଇଯାଇଥିବା ଚର୍ଚ୍ଚା

**ପରଜଙ୍ଗ, ୧୨।୧୦(ଡି.ଏନ.ଏ.)**

ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ କୁଟୁରିଆ ବିଟ୍ ଟୋଲକପାଟିଆ ଗ୍ରାମ ନିକଟ ଅନନ୍ତପୁର ସଂରକ୍ଷିତ ଜଙ୍ଗଲରୁ ଏକ ଦନ୍ତାହାତୀର ଗଳିତ ମୃତଦେହ ଉଦ୍ଧାର କରାଯିବା ଘଟଣାର ଶନିବାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଏସିଏଫ୍ ସରୋଜ ବିଶ୍ୱାଳ, ସହକାରୀ ପ୍ରାଣୀଧନ ଚିକିତ୍ସାଧିକାରୀ ସତ୍ୟବିକ୍ରମ ତରାଇ, ରେଞ୍ଜର ସୁବ୍ରତ ବେହେରା, ଡେପୁଟି ରେଞ୍ଜର ହରମୋହନ ନାୟକ, କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜର ସତ୍ୟନାରାୟଣ ସାହୁ, ପଶ୍ଚିମାଞ୍ଚଳ ରେଞ୍ଜର ବିଭୁଦାନନ୍ଦ ମିଶ୍ର ପ୍ରମୁଖ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ହାତୀ ମୃତଦେହ ବ୍ୟବଚ୍ଛେଦ ପରେ ଗାତ ଖୋଳି ପୋତି ଦିଆଯାଇଛି। ଅପରପକ୍ଷେ ହାତୀର ମୃତ୍ୟୁ ପରେ ଏହାର ଦାନ୍ତ କେହି ନେଇଯାଇଥିବା ଚର୍ଚ୍ଚା ଜୋର୍ ଧରିଛି। କେତେଜଣ ଗ୍ରାମବାସୀ ନିଜ ନାମ ଗୋପନ ରଖି କହିଛନ୍ତି, କିଛିଦିନ ତଳେ ଏକ ଦନ୍ତା ଅସୁସ୍ଥ ହୋଇ ଜଙ୍ଗଲରେ ଘୂରି ବୁଲୁଥିଲା। ବନ କର୍ମଚାରୀ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଏ ନେଇ ଏସିଏଫ୍ କୁହନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀର ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଏ ନେଇ ରେଞ୍ଜର ସୁବ୍ରତ ବେହେରାଙ୍କ ପ୍ରତିକ୍ରିୟା ନେବାକୁ ଚାହିଁବାରୁ ସେ ଘଟଣାକୁ ଏଡ଼ାଇ ଯାଇଥିଲେ।

# ଇନ୍ଦିପୁରରେ ୨୪ ମଣ୍ଡପ



ଜଣେ ଶିଳ୍ପୀ ମୂର୍ତ୍ତିରେ ଶେଷସ୍ପର୍ଶ ଦେଉଛନ୍ତି।

**ଢେଙ୍କାନାଳ ଅଫିସ, ୧୨।୧୦**

ମହାଲକ୍ଷ୍ମୀଙ୍କ ଆବାହନ ପାଇଁ ସଜେଇ ହେଉଛି ଓଡ଼ାପଡ଼ା ବ୍ଲକର ଇନ୍ଦିପୁର। କୁମାର ପୂର୍ଣ୍ଣିମା ରାତିରୁ ମା'ଙ୍କ ଆବାହନ ଆରମ୍ଭ ହେବ। ବଡ଼ଦାଣ୍ଡ ସାହି, କେଲଜ ଛକ, ସୁବର୍ଣ୍ଣ ସାହି, ଜୁଆଙ୍ଗ ସାହି, ଧନେଶ୍ୱର ସାହି, ବସ୍‌ଷ୍ଟାଣ୍ଡ, ଉପର ନୂଆସାହି (ଗ) ଓ (ଖ), ଗୋଲଡେନଷ୍ଟାର, ଖୁଣ୍ଟୁଝରୀ ଛକ, ବରଷଘରିଆ, ଶବରସାହି, କଂସାରୀ ସାହି, ତେରଘରିଆ, ରାଜପୃଷ୍ଟି, ବଉଳ ଛକ, ଦଳିତ ସାହି, ଶାନ୍ତି ଛକ, ତନ୍ତିସାହି, ମଠସାହି, ଚନ୍ଦନ ମଣ୍ଡପ ସାହି, ଘଣାଶାଳ ସାହି, ବଢ଼େଇସାହି, ଲୁଣି ଆଦି ସ୍ଥାନରେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି। ପୂଜା ଉତ୍ସବକୁ ନେଇ ଗ୍ରାମ ପରିବେଶ ମୁଖରିତ ହୋଇଉଠିଛି। ଲାଇଟ୍ ଗେଟ୍, ଆଲୋକ ତୋରଣରେ ସାଜସଜ୍ଜା ବେଶ୍ ମନଲୋଭା ହୋଇଛି। ଦୋଳି, ଫାଷ୍ଟଫୁଡ୍, ଚାଟ, ଗୁପ୍‌ଚୁପ୍ ଖାଦ୍ୟ ଷ୍ଟଲ ଖୋଲିଛି। ମନୋହରି ସାମଗ୍ରୀର ବିଚିତ୍ରମାଳାରେ ସହରଠାରୁ ବି ବଳିପଡ଼ିଛି ଗ୍ରାମ ପରିବେଶ।

■ସରିଲା 'ଆଗ୍ନେୟ'

# ଝୁମାଇଲେ ବିନୋଦ ରାଠୋଡ୍



କଣ୍ଠଶିଳ୍ପୀ ବିନୋଦ ରାଠୋଡ୍ ସଙ୍ଗୀତ ପରିବେଷଣ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧୨।୧୦**

ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଦୁଇଦିନ ଧରି ଚାଲିଥିବା ବଜରଙ୍ଗ କ୍ଲବର ବାର୍ଷିକ ଉତ୍ସବ 'ଆଗ୍ନେୟ' ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହର ପ୍ରମୁଖ ଆକର୍ଷଣ ଥିଲେ ବଲିଉଡ୍‌ର ଖ୍ୟାତନାମା କଣ୍ଠଶିଳ୍ପୀ ବିନୋଦ ରାଠୋଡ। ସେ ନିଜର କଣ୍ଠର ଯାଦୁରେ ଦର୍ଶକଙ୍କୁ ଝୁମାଇଥିଲେ। କୁନି କୁନି ପିଲାମାନେ ମଞ୍ଚ ଉପରକୁ ଯାଇ ତାଙ୍କ ସହ ପାଦରେ ପାଦ ମିଶାଇ ବେଶ୍ ନାଚିଥିଲେ। ଅନ୍ୟତମ କଣ୍ଠଶିଳ୍ପୀ ଚାନ୍ଦିନୀ ସିଂ ମଧ୍ୟ ତାଙ୍କ ଗୀତରେ ଶ୍ରୋତାଙ୍କ ମନ ଜିଣିଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଶିଳ୍ପୋଦ୍ୟୋଗୀ ଚିତ୍ତରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ଭାବେ ଉପଦେଷ୍ଟା ଗୋପାଳ ଚନ୍ଦ୍ର ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ନରେନ୍ଦ୍ର ନାୟକଙ୍କୁ 'ବଜରଙ୍ଗ ସେବା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ଉଭୟ କଣ୍ଠଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକାରଙ୍କ ଦ୍ୱରା ଗଣେଶ ବନ୍ଦନା ସମେତ ବିଭିନ୍ନ ସାଂସ୍କୃତିକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଅନୁଷ୍ଠାନର ସଭାପତି ଅମରେନ୍ଦ୍ର ସାମଲ, ସମ୍ପାଦକ ଶୁଭେନ୍ଦୁ ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ଅଭିଯୁକ୍ତ କାଠ ବ୍ୟବସାୟୀଙ୍କୁ ସର୍ବସମ୍ମୁଖରେ ଦଣ୍ଡ

# ସୋସିଆଲ ମିଡିଆରେ ଫଟୋ ଭାଇରାଲ

**ପରଜଙ୍ଗ, ୧୨।୧୦(ଡି.ଏନ୍.ଏ.)**



■ଦୋଷ ସ୍ୱୀକାର କଲେ ରେଞ୍ଜର
■ଜାମିନ ନାମଞ୍ଜୁର ପରେ ଜେଲ ଗଲେ ଅଭିଯୁକ୍ତ
■ଆଲୋଚନା ପରେ ପଦକ୍ଷେପ ନିଆଯିବ: ଡିଏଫ୍‌ଓ

ଜଣେ ଅଭିଯୁକ୍ତ କାଠ ବ୍ୟବସାୟୀଙ୍କୁ ସର୍ବସମ୍ମୁଖରେ ଦଣ୍ଡ ଦେଇ ଚର୍ଚ୍ଚାର ପରିସରକୁ ଆସିଛନ୍ତି ମହାବିରୋଡ ରେଞ୍ଜର ସୁବ୍ରତ ବେହେରା। ଏହାର ଫଟୋ ସୋସିଆଲ ମିଡିଆରେ ଘୂରିବୁଲିବା ପରେ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ବନ ବିଭାଗର ପଦସ୍ଥ ଅଧିକାରୀଙ୍କ ଏଭଳି ଦବଙ୍ଗଗିରିକୁ ନାପସନ୍ଦ କରି ସୋସିଆଲ ମିଡ଼ିଆରେ ମତ ରଖିଛନ୍ତି ଅନେକେ। ଅନ୍ୟପଟେ ଘଟଣାକୁ ରେଞ୍ଜର ସ୍ୱୀକାର କରିଛନ୍ତି। ସେହିପରି ଅଧିକାରୀଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।

ବାଇଗିଣିଆ ସଂରକ୍ଷିତ ଜଙ୍ଗଲରେ ଚୋରା କାଠ ବ୍ୟବସାୟ ଚାଲିଥିବା ସୂଚନା ପାଇ ଗୁରୁବାର ରେଞ୍ଜର ସୁବ୍ରତ ବେହେରା, ଡେପୁଟି ରେଞ୍ଜର ହରମୋହନ ନାୟକ, ଫରେଷ୍ଟର ରାମଚନ୍ଦ୍ର ରାଉତ ପ୍ରମୁଖ ଚଢ଼ାଉ କରି ୩ଖଣ୍ଡ ଶାଳ ଗଣ୍ଡି ଜବତ କରିଥିଲେ। ପଚରାଉଚୁରା ପରେ ଉକ୍ତ କାଠ ଅଁଳାକଟା ଗ୍ରାମର କୈଳାସ ବେହେରାଙ୍କର ବୋଲି ଜଣାପଡ଼ିଥିଲା। ଏଥିସହ ବାଇଗିଣିଆ ଗ୍ରାମର ରଞ୍ଜନ ଭୋଇଙ୍କ ଘରେ ମୂଲ୍ୟବାନ କାଠ କଟାଯାଇ ରଖାଯାଇଥିବା ସୂଚନା ମିଳିଥିଲା। ବନ କର୍ମଚାରୀ ରଞ୍ଜନଙ୍କ ଘରେ ଚଢ଼ାଉ କରି ଶାଗୁଆନ, ଶାଳ ପଟା ଏବଂ ଗଣ୍ଡି ଜବତ କରିଥିଲେ। ଚଢ଼ାଉ ପୂର୍ବରୁ ସେ ଫେରାର ହୋଇଯାଇଥିଲେ। ରଞ୍ଜନଙ୍କ ସ୍ତ୍ରୀ ଉକ୍ତ କାଠଗୁଡ଼ିକ କୈଳାସଙ୍କର ବୋଲି କହିଥିଲେ। ଏଥିସହ ରେଞ୍ଜରଙ୍କ ମୋବାଇଲରୁ କୈଳାସଙ୍କୁ ଫୋନ୍ କରି ଡାକିଥିଲେ। ଜବତ କାଠଗୁଡ଼ିକୁ ଏକ ଟାଟା ଏସିଇରେ ବୋଝେଇ କରି ଜଙ୍ଗଲରେ ଜବତ କରାଯାଇଥିବା କାଠଗଣ୍ଡି ଆଣିବାକୁ ବନ କର୍ମଚାରୀ ଯାଉଥିବାବେଳେ କୈଳାସ ଏବଂ ତାଙ୍କ ପୁଅ ସୁକୁମାର ବାଇକ୍‌ରେ ପହଞ୍ଚିଥିଲେ। ଜବତ କାଠ ଛାଡ଼ିଦେବାକୁ ଉଭୟେ ରେଞ୍ଜରଙ୍କୁ କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ରେଞ୍ଜର କୈଳାସଙ୍କୁ ମାଡ଼ ମାରିବା ସହ ଉଠ୍‌ବସ୍ କରାଇଥିବା ସୁକୁମାର କହିଛନ୍ତି। ଜବତ କାଠ ଏବଂ ଅଭିଯୁକ୍ତଙ୍କୁ ଧରି ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚିବା ପରେ ମଧ୍ୟ ରେଞ୍ଜର କୈଳାସଙ୍କୁ ଆଣ୍ଠେଇ ଦେଇଥିବା ଏକ ଫଟୋ ଭାଇରାଲ ହୋଇଛି। ଅନ୍ୟପଟେ ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

ଏ ନେଇ ରେଞ୍ଜର କୁହନ୍ତି, କୈଳାସ ଦୀର୍ଘଦିନ ହେଲା ଚୋରା କାଠ ବ୍ୟବସାୟ କରିଆସୁଥିବା ଅଭିଯୋଗ ହେଉଥିଲା। ସୂଚନା ପାଇ କାଠ ଜବତ କରାଯିବା ପରେ ଅଭିଯୁକ୍ତ ଘଟଣାସ୍ଥଳରେ ପହଞ୍ଚି ସେଗୁଡ଼ିକୁ ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଦଣ୍ଡ ଦେଇଥିବା ରେଞ୍ଜର ସ୍ୱୀକାର କରିଛନ୍ତି। ଆଗକୁ ଏହାର ପୁନରାବୃତ୍ତି ହେବ ନାହିଁ ବୋଲି ସେ କହିଛନ୍ତି। ଏ ନେଇ ଡିଏଫ୍‌ଓ କୁହନ୍ତି, କାଠ ବ୍ୟବସାୟରେ ଲିପ୍ତ ଜଣେ ଅଭିଯୁକ୍ତଙ୍କୁ ରେଞ୍ଜର ଦୁର୍ବ୍ୟବହାର କରିଥିବା ସୂଚନା ମିଳିଛି। ସୋମବାର ରେଞ୍ଜରଙ୍କ ସହ ଆଲୋଚନା କରାଯିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ବିପଦସଙ୍କୁଳ ଅବସ୍ଥାରେ ବିଶ୍ରାମାଗାର



ଛେଣ୍ଡିପଦା,୧୨।୧୦(ଡି.ଏନ.ଏ.)- ଛେଣ୍ଡିପଦା ବ୍ଲକ ବାଗେଡିଆ ବସଷ୍ଟାଣ୍ଡ ଠାରେ ଥିବା ପୁରାତନ ଯାତ୍ରୀ ବିଶ୍ରାମାଗାର ଆବଶ୍ୟକୀୟ ରକ୍ଷଣାବେକ୍ଷଣ ଅଭାବରୁ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ପଥଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶ୍ରାମାଗାରର ସିମେଣ୍ଟ ପିଲାର୍ ଭାଙ୍ଗି ଯାଇଥିବାବେଳେ ସାମାନ୍ୟ ବର୍ଷା ହେଲେ ଛାତରୁ ପାଣି ଗଳୁଛି। ଏଠାରେ ପ୍ରତିଦିନ ଶହ ଶହ ସଂଖ୍ୟକ ଯାତ୍ରୀ ଆଶ୍ରୟ ନେଉଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଏକ ନୂତନ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ରାସ୍ତା ମରାମତି ଦାବି

ତାଳଚେର,୧୨।୧୦(ନି.ପ୍ର.): ୧୪୯ ନମ୍ବର ଜାତୀୟ ରାଜପଥର ବହ୍ଲର ଛକ ଠାରୁ ଚାଇଁପାଳ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡିଛି। ବଡ଼ ବଡ଼ ଖାଲ ଯୋଗୁ ପ୍ରତ୍ୟେହ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ସହ ବାଇକ୍ ଆରୋହୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବର୍ଷାହେଲେ ପରିସ୍ଥିତି ସଙ୍ଗିନ ହୋଇପଡୁଛି। ଖାଲରେ ପାଣି ଭର୍ତ୍ତି ହୋଇଯିବା ଦ୍ୱାରା ଦୁର୍ଘଟଣା ସଂଖ୍ୟା ବଢି ଚାଲିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ତାଳଚେର ଉପଜିଲାପାଳଙ୍କୁ ବାରମ୍ବାର ଅଭିଯୋଗ କଲା ପରେ ମଧ କିଛି ସୁଫଳ ମିଳୁ ନାହିଁ ବୋଲି ଅଞ୍ଚଳବାସୀ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ସନ୍ଥପଡା ସରପଞ୍ଚ ରିନା ବେହେରା, ସହଦେବ ସାହୁ, ପୁଲିନ ବିହାରୀ ନାୟକ ଓ ଅନ୍ୟମାନେ ଏହି ଅଭିଯୋଗ କରିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

### ସରକାରୀ ସହାୟତା ରାଶି ପାଇଲେ ବୃଦ୍ଧା

ଅନୁଗୋଳ ଅଫିସ, ୧୨।୧୦- ଅନୁଗୋଳ ବ୍ଲକ କାଙ୍ଗୁଲା ବେନ୍ତପୁର ପଞ୍ଚାୟତ ବାଦିବାହାଳ ଗ୍ରାମର ବିଧବା ବୃଦ୍ଧା ଚାଙ୍ଗିରୀ ସାହୁଙ୍କୁ ତାଙ୍କ ସ୍ୱାମୀଙ୍କ ସାପ କାମୁଡା ମୃତ୍ୟୁଜନିତ ସହାୟତା ରାଶି ବାବଦକୁ ୪ ଲକ୍ଷ ଟଙ୍କା ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ସାଥୀ ପରିବାରର ସଦସ୍ୟ ସିଦ୍ଧାର୍ଥ ପ୍ରଧାନ ଓ ଆଦିତ୍ୟ ବେହେରାଙ୍କ ସହ ସ୍ଥାନୀୟ ଅଙ୍ଗନୱାଡି କର୍ମଚାରୀ ବିନତି ସାହୁଙ୍କ ସହାୟତାରେ ବୃଦ୍ଧା ଚାଙ୍ଗିରୀ ଏ ନେଇ ସରକାରଙ୍କ ନିକଟରେ ଆବେଦନ କରିଥିଲେ। ଗତ ୪ ତାରିଖରେ ଚାଙ୍ଗିରୀଙ୍କ ବ୍ୟାଙ୍କ ଖାତାରେ ଉକ୍ତ ସହାୟତା ରାଶି ଜମା ହୋଇଥିବା ସୂଚନା ମିଳିଛି।

### ଲକ୍ଷାଧିକ ଟଙ୍କାଚୋରି

**ଆନନ୍ଦପୁର,୧୨।୧୦(ସ୍ୱ.ପ୍ର.)-** ଘସିପୁରା ଥାନା ଅଧୀନ ତୋରାଣିଆପାଳ ଗ୍ରାମରେ ଦୁର୍ବୃତ୍ତମାନେ ଲୁଟପାଟ କରିଥିବା ସୂଚନା ମିଳିଛି। ଗ୍ରାମର ପ୍ରଶାନ୍ତ କୁମାର ବାସଙ୍କ ଘରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପଶି ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିବା ଜଣାପଡିଛି। ଖବରପାଇ ଘସିପୁରା ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

■ଜିଲା ମୁଖ୍ୟ ଚିକିତ୍ସାଳୟ ଅଚାନକ ପରିଦର୍ଶନ କଲେ ଜିଲାପାଳ

# ସେବା ସମ୍ପର୍କରେ ରୋଗୀଙ୍କୁ ପଚାରିଲେ, ସମସ୍ୟା ବୁଝିଲେ

**ଅନୁଗୋଳ ଅଫିସ, ୧୨।୧୦**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ କିପରି ସେବା ଯୋଗାଇ ଦିଆଯାଉଛି ତାହାର ତଦାରଖ ପାଇଁ ଶନିବାର ପୂର୍ବାହ୍ନ ୧୧ଟାରେ ଜିଲାପାଳ ମନୋଜ କୁମାର ମହାନ୍ତି ଅଚାନକ ମେଡିକାଲରେ ପହଞ୍ଚିଥିଲେ। ତାଙ୍କ ସହ ଉପଜିଲାପାଳ ବାସୁଦେବ ଶତପଥୀ ମଧ ଯାଇଥିଲେ। ଜିଲାପାଳ ପ୍ରଥମେ ଜଣେ ରୋଗୀଙ୍କୁ ଡାକି ମିଳୁଥିବା ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରିଥିଲେ। ଏଥିସହ ପଞ୍ଜୀକରଣ ଓ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ବୁଝିଥିଲେ।

ଜିଲାପାଳ ପ୍ରଥମେ ତିନି ମହଲା ୱାର୍ଡକୁ ଯାଇ ରୋଗୀ ସେବା କିପରି ଚାଲିଛି ତାହା ବୁଲି ଦେଖିଥିଲେ। କେତେଜଣ ରୋଗୀଙ୍କ ନିରାମୟରେ ମିଳୁଥିବା ଔଷଧର ଚିଠା ଲେଖାଯାଉଛି କି ନାହିଁ ତାହା ପଚାରିଥିଲେ। ଏହାପରେ ୫ ମହଲାରେ ଥିବା ସ୍ତ୍ରୀ ଓ ପ୍ରସୂତି, ଶିଶୁ ବିଭାଗ ପରିଦର୍ଶନ କରିଥିଲେ। ଡାକ୍ତର ବା ନର୍ସ ଅର୍ଥ ମାଗୁଛନ୍ତି କି ନାହିଁ ସେ ସମ୍ପର୍କରେ ରୋଗୀଙ୍କୁ ପ୍ରଶ୍ନ କରିଥିଲେ। ଶିଶୁ ବିଭାଗରେ ପିଲାମାନେ ବାରଣ୍ଡାରେ ଶୋଇଥିବା ଦେଖି ଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ୪ଜଣ ଡାକ୍ତରଙ୍କ ଚାମ୍ବରରେ ତାଲା ପଡ଼ିଥିବାରୁ ଜିଲାପାଳ ସମ୍ପୃକ୍ତ ଡାକ୍ତରମାନେ କେଉଁଠାରେ




ଜିଲା ମୁଖ୍ୟ ଚିକିତ୍ସାଳୟରେ ସେବା ଅନୁଧ୍ୟାନ କରୁଛନ୍ତି ଜିଲାପାଳ ଓ ଉପଜିଲାପାଳ।

ତାହା ଜାଣିବାକୁ ଚାହିଁଥିଲେ। ଭାରପ୍ରାପ୍ତ ସିଡିଏମ୍‌ଓ ପ୍ରତାପ କୁମାର ବେହେରା ଡାକ୍ତରମାନେ ରାତିରେ ଡ୍ୟୁଟିରେ ଥିବାରୁ ଘରକୁ ଫ୍ରେସ୍ ହେବାକୁ ଯାଇଥିବା କହିଥିଲେ। ଏଥିରେ ଜିଲାପାଳ ବିରକ୍ତି ହେବା ସହ ଡାକ୍ତରମାନେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ନିଜ ବିଭାଗରେ ରହିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ୧୨ଟା ପରେ ରୋଗୀଙ୍କୁ ଦେଖିବାକୁ ୱାର୍ଡକୁ ଯିବା ସହ ଡାକ୍ତରଖାନାରେ ଥିବା ଅନ୍ୟ କାର୍ଯ୍ୟ କରିବେ ବୋଲି କହିଥିଲେ। ଏପରି କି ରାତିରେ ସ୍ପେଶାଲିଷ୍ଟମାନଙ୍କୁ ଡ୍ୟୁଟି ନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଛୁଟି ଦିନ ହେଉ କି ସାଧାରଣ କାର୍ଯ୍ୟ ଦିବସ, ଡାକ୍ତରମାନେ ଜିଲା ଛାଡ଼ି ବାହାରକୁ ଯାଇ ପାରିବେ ନାହିଁ ବୋଲି ଜିଲାପାଳ କହିଥିଲେ। ୫ ମହଲାର ଲିଫ୍ଟ ଅଚଳ ଥିବା ମେଡିକାଲ କର୍ତ୍ତୃପକ୍ଷ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଦୁଇ ଦିନ ମଧ୍ୟରେ ମରାମତି କରାଯିବ ବୋଲି ଜିଲାପାଳ କହିଥିଲେ। ପରେ ମେଡିକାଲ ପଛରେ ଥିବା ଜବରଦଖଲ ଉଚ୍ଛେଦ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଦୀର୍ଘ ଦୁଇ ଘଣ୍ଟା ଧରି ଜିଲାପାଳଙ୍କ ଏହି ପରିଦର୍ଶନ ସମୟରେ ଭାରପ୍ରାପ୍ତ ସିଡିଏମ୍‌ଓ ପ୍ରତାପ କୁମାର ବେହେରା, ଏଡିଏମ୍‌ଓ(ମେଡିକାଲ) ଲକ୍ଷ୍ମୀନାରାୟଣ ବିଶୋଇଙ୍କ ସହ ଅନ୍ୟ ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

■ଡାକ୍ତର ଅନୁପସ୍ଥିତ ଥିବାରୁ ଅସନ୍ତୋଷ

■ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରହିବାକୁ ଡାକ୍ତରଙ୍କୁ ନିର୍ଦ୍ଦେଶ

ଜିଲାପାଳ ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ପରେ ଫେରି ଯାଇଥିଲେ।

### ଆହାର କେନ୍ଦ୍ରରେ ଖାଦ୍ୟର ମାନ ପରଖିଲେ

**ଅନୁଗୋଳ ଅଫିସ, ୧୨।୧୦**

ଅନୁଗୋଳ ବସ୍‌ଷ୍ଟାଣ୍ଡରେ ଥିବା ଆହାରକେନ୍ଦ୍ରକୁ ଜିଲାପାଳ ମନୋଜ କୁମାର ମହାନ୍ତି ପରିଦର୍ଶନରେ ଯାଇଥିଲେ। ଆହାରକେନ୍ଦ୍ର ଠିକ୍ ଭାବେ ଚାଲିଥିବାବେଳେ ଖାଦ୍ୟର ମାନ ଆଉ ଟିକେ ଉନ୍ନତ କରିବାକୁ ପରାମର୍ଶ ଦେଇଥିଲେ। ଲୋକମାନଙ୍କୁ ଭାତ ସହ ଡାଲମା ଦିଆଯାଉଥିବାରୁ ଡାଲମାରେ ଅଧିକ ପରିମାଣର ପରିବା ପକାଇବାକୁ ଜିଲାପାଳ କହିଥିଲେ। ଶେଷରେ ଅନୁଗୋଳ ନବନିର୍ମିତ ଓଏସ୍‌ଆର୍‌ଟିସି ବସ୍‌ଷ୍ଟାଣ୍ଡ ମଧ ପରିଦର୍ଶନ କରିଥିଲେ। ସେଠାରେ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଆଉ ତିନି ଦିନ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ବିଭାଗୀୟ ଅଧିକାରୀ ଜିଲାପାଳଙ୍କୁ କହିଥିଲେ।

# ନକଲି ବାଣ କାରଖାନା ଠାବ

**ସଜନାଗଡ଼,୧୨।୧୦(ଡି.ଏନ.ଏ.)**

**ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ, ଅଭିଯୁକ୍ତ ଗିରଫ**

ନୀଳଗିରି ଥାନା ମଲ୍ୟାଣି ଗ୍ରାମର ଏକ ନକଲି ବାଣ କାରଖାନା ଉପରେ ଶନିବାର ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏଥିରେ ସମ୍ପୃକ୍ତ ଭବେଶ ବାରିକ (୫୦)ଙ୍କୁ ମଧ ଗିରଫ କରାଯାଇଛି।

ଭବେଶ ନିଜ ଘରେ ବାଣ ତିଆରି ପାଇଁ ବିସ୍ଫୋରକ ସାମଗ୍ରୀ ରଖିଥିବା ବେଳେ ନୀଳଗିରି ଥାନା ଆଇଆଇସି ନଳିତା ମୋଦୀ ଖବର ପାଇ ଚଢାଉ କରିଥିଲେ। ନୀଳଗିରି ଥାନା ଏଏସ୍‌ଆଇ ଶରତ ଚନ୍ଦ୍ର ଧଳଙ୍କ ଅଭିଯୋଗ ଅନୁଯାୟୀ ତଦନ୍ତକାରୀ ଅଧିକାରିଣୀ ସସ୍ମିତା ମଲ୍ଲିକ ଥାନାରେ ମାମଲା (ନଂ. ୨୫୫/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛନ୍ତି। ଚଢ଼ାଉରେ ନୀଳଗିରି ଥାନାର ସବ୍‌ଇନ୍ସପେକ୍ଟର ବାସୁଦେବ ଜୟସିଂହ ପ୍ରମୁଖ ସାମିଲ ଥିଲେ।

# ଗାଡ଼ି ଧକ୍କାରେ ଜଣେ ମୃତ

**ବଡ଼ବିଲ, ୧୨।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଏନ୍‌ଏଚ ୫୨୦ର ରୋଇଡା ଛକ ନିକଟରେ ଶନିବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଯଶବିନ୍ଦର ସିଂ ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ତାଙ୍କ ଘର ବଲାଣି ଥାନା ଅଞ୍ଚଳରେ। ଯୋଡ଼ା ଅଭିମୁଖେ ଯିବାକୁ ଲିଫ୍ଟ ମାଗୁଥିବାବେଳେ ଏକ ଅଜଣା ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

# ଚାଲାଣ ବେଳେ ୨୦୦ ଗୋରୁ ଉଦ୍ଧାର

**ରେମୁଣା, ୧୨।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଶେରଗଡ଼ ନିକଟ ବିସିଇଟି କଲେଜ ସମ୍ମୁଖରୁ ଶନିବାର ଗୋ ସୁରକ୍ଷା ବାହିନୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମିଳିତ ଉଦ୍ୟମରେ ୨ଟି ଗୋରୁ ବୋଝେଇ କଣ୍ଟେନର ଏବଂ ଏକ ବୋଲେରୋ ଜବତ କରାଯାଇଛି। ଉକ୍ତ କଣ୍ଟେନରରେ ଦୟନୀୟ ଭାବେ ଚାଲାଣ ହେଉଥିବା ୨୦୦ରୁ ଊର୍ଦ୍ଧ୍ୱ ଗୋରୁ ଉଦ୍ଧାର କରାଯାଇଛି। ଏଥିରେ ସମ୍ପୃକ୍ତ ୮ଜଣଙ୍କୁ ଅଟକ ରଖାଯାଇଛି। ସମସ୍ତେ ଭଦ୍ରକ ପୁରୁଣା ବଜାର ଅଞ୍ଚଳର। ଘଟଣାସ୍ଥଳରୁ ୨ ଡ୍ରାଇଭରଙ୍କ ସମେତ ବୋଲେରୋରେ ବସିଥିବା ଲୋକେ ଖସିଯିବାକୁ ସକ୍ଷମ ହୋଇଛନ୍ତି। ଶେରଗଡ଼ ନିକଟରେ ସ୍ଥାନୀୟ ଲୋକେ ଗାଡ଼ି ଅଟକାଇଥିଲେ। ଏହି ସମୟରେ ୩ଟି କଣ୍ଟେନର ଖସିଯାଇଥିବା ଜଣେ ଗୋ ସୁରକ୍ଷା କର୍ମୀ କହିଛନ୍ତି। ବାଲେଶ୍ୱର ନୂଆସାହିର ନାରଣ ମହାନ୍ତଙ୍କ ଅଭିଯୋଗକ୍ରମେ ଖନ୍ତାପଡ଼ା ଥାନାରେ ମାମଲା (ନଂ. ୩୨୧/୧୯) ରୁଜୁ ହୋଇଛି।

■ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ

# ପରୀକ୍ଷା ହେବ ୧୧ ଖାଦ୍ୟ ନମୁନା



**ଅନୁଗୋଳ ଅଫିସ, ୧୨।୧୦**

ପାର୍ବଣ ସମୟରେ ଅନୁଗୋଳ ସହରର ବିଭିନ୍ନ ସ୍ଥାନରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶନିବାର ଚଢ଼ାଉ କରାଯାଇଛି। ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଖାଦ୍ୟ ସୁରକ୍ଷା ଅଧିକାରୀ ହରପ୍ରିୟା ବେହେରା, ସୁବାସ ଚନ୍ଦ୍ର ବେହେରା, ସୁନୀଲ କୁମାର ନନ୍ଦ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ବିଭାଗ ପକ୍ଷରୁ ବସ୍‌ଷ୍ଟାଣ୍ଡରେ ବିଭିନ୍ନ ହୋଟେଲ ଓ ଜଳଖିଆ ଦୋକାନ ବୁଲି ଖାଦ୍ୟର ନମୁନା ସଂଗ୍ରହ କରାଯାଇଛି। ମା' ବୁଢ଼ୀ ବଜାର, ନାଲ୍‌କୋ, କୁଲାଡ଼, ବଅଁରପାଳ ପ୍ରଭୃତି ଅଞ୍ଚଳରେ ଥିବା ବିଭିନ୍ନ ଦୋକାନରୁ ୧୧ଟି ଭିନ୍ନ ଭିନ୍ନ ଖାଦ୍ୟର ନମୁନା ସଂଗ୍ରହ କରାଯାଇ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗର ଲ୍ୟାବକୁ ପରୀକ୍ଷା ପାଇଁ ପଠାଯାଇଥିବା ସୂଚନା ମିଳିଛି। ବିଭିନ୍ନ ବ୍ୟବସାୟୀ ଓ ଲୋକଙ୍କୁ ଲିଫ୍ ଲେଟ୍ ଦେଇ ପରିଷ୍କାର ପରିଚ୍ଛନ୍ନ ରହିବାକୁ ସଚେତନ କରାଯାଇଛି। ଏଥିସହ ବ୍ୟବସାୟୀ ଓ ଖାଦ୍ୟ ଉତ୍ପାଦନକାରୀମାନଙ୍କୁ ଖାଦ୍ୟ ନିରାପତ୍ତା ଲାଇସେନ୍ସ ଓ ପଞ୍ଜୀକରଣ ସମ୍ପର୍କରେ ସଚେତନ କରାଯାଇଥିଲା।

### ସାହିତ୍ୟ ସଂସଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**ଅନୁଗୋଳ ଅଫିସ, ୧୨।୧୦**

ଅନୁଗୋଳର ନବଜୀବନ ମଣ୍ଡଳ ପରିସରରେ ଜିଲା ସାହିତ୍ୟ ସଂସଦର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଶିବରାମ ମିଶ୍ର, ଅରୁଣ କୁମାର ସାହୁ, ବଜରଙ୍ଗ ଅଗ୍ରୱାଲ, ସରୋଜିନୀ ଦେଇ, ସୁଷମା ପ୍ରଧାନ, ପ୍ରାଧ୍ୟାପକ ଶାନ୍ତନୁ କୁମାର ସର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଡା. ବିପିନି ବିହାରୀ ସାହୁ, ଡ. ଜୟାନନ୍ଦ ନାୟକ ଓ ବିରଞ୍ଚି ମହାପାତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାଶ ସ୍ୱର୍ଗତ ସାହିତ୍ୟିକଙ୍କ କୃତି ଉପରେ ଆଲୋକପାତ କରିଥିଲେ। ରାଧାକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଗାନ୍ଧୀ ଉଦ୍ୟାନରେ ଶ୍ରଦ୍ଧାଞ୍ଜଳି ସଭା

**ଅନୁଗୋଳ ଅଫିସ, ୧୨।୧୦**

ଅନୁଗୋଳ ଗାନ୍ଧୀ ଉଦ୍ୟାନ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ ଯୋଗଦେଇଥିଲେ। ସାମାଜିକ କର୍ମୀ ଆଦ୍ୟାଶ୍ଲୋକ ମିଶ୍ର ଏହାକୁ ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଭାବେ ବିଶ୍ୱରଞ୍ଜନ ପଟ୍ଟନାୟକ, ଅସିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସାଥି ବିଦ୍ୟାଧର ନାୟକ ଧନ୍ୟବାଦ ଦେଇଥିଲେ।

ବରିଷ୍ଠ ନାଗରିକଙ୍କୁ ପୋଲିସ ବାଣ୍ଟିଲା ପରିଚୟପତ୍ର

# ଏକୁଟିଆ ଥିଲେ ରହିବ ସ୍ୱତନ୍ତ୍ର ଦୃଷ୍ଟି: ଏସ୍‌ପି




**ଅନୁଗୋଳ ଅଫିସ, ୧୨।୧୦**

ଅନୁଗୋଳ ପୋଲିସ ପକ୍ଷରୁ ଶନିବାର ମଧ୍ୟାହ୍ନରେ ବରିଷ୍ଠ ନାଗରିକମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଅନୁଗୋଳ ଥାନା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସ୍‌ପି ଜଗମୋହନ ମୀନା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପରିଚୟପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଏସ୍‌ପି କହିଥିଲେ ଯେ, ପିଲାମାନଙ୍କଠାରୁ ଯେଉଁ ବୟସ୍କମାନେ ଅଲଗା ରହୁଛନ୍ତି, ସେମାନଙ୍କ ଉପରେ ଅନୁଗୋଳ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ରଖାଯିବ। ସମ୍ପୃକ୍ତ ବରିଷ୍ଠ ନାଗରିକଙ୍କ ଏକ ତାଲିକା କରିବାକୁ ଏସ୍‌ପି ଅନୁଗୋଳ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିଛି ଅଭିଯୋଗ ଥିଲେ ବରିଷ୍ଠ ନାଗରିକମାନେ ପ୍ରଥମେ ସ୍ଥାନୀୟ ଥାନା ଅଧିକାରୀଙ୍କୁ ଭେଟିବେ। ଥାନା ଅଧିକାରୀ ଅନୁପସ୍ଥିତ ଥିଲେ ଏସ୍‌ଡିପିଓଙ୍କ ନିକଟକୁ ଯିବେ। ଯଦି ଦୁଇ ଅଧିକାରୀ ଅନୁପସ୍ଥିତ ଥିବେ ତାହେଲେ ଏସ୍‌ପିଙ୍କ ନିକଟକୁ ଯାଇ ଅବଗତ କରିପାରିବେ ବୋଲି ମୀନା ସୂଚନା ଦେଇଥିଲେ। ତେବେ ବିଭିନ୍ନ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା ବଢ଼ାଇବାକୁ ବରିଷ୍ଠ ନାଗରିକମାନେ ଏସ୍‌ପିଙ୍କୁ ଅନୁରୋଧ କରିଥିଲେ। ଅନୁଗୋଳ ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ ମୋଟ ୪୧୧ ଜଣ ବରିଷ୍ଠ ନାଗରିକ ଥାନାରେ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପୂର୍ବରୁ ୩୦୫ ଜଣଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଶନିବାର ୭୦ ଜଣଙ୍କୁ ପରିଚୟପତ୍ର ବଣ୍ଟା ଯାଇଥିବାବେଳେ ବାକି ଥିବା ୩୬ ଜଣଙ୍କୁ ପରେ ପ୍ରଦାନ କରାଯିବ। ଅନ୍ୟ ବରିଷ୍ଠ ନାଗରିକମାନେ ଆବେଦନ କଲେ ସେମାନଙ୍କ ଘରେ ପରିଚୟପତ୍ର ପ୍ରଦାନ କରାଯିବ ବୋଲି ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଏସ୍‌ଡିପିଓ ଅଶ୍ୱିନୀ ସାହୁ, ଥାନା ଅଧିକାରୀ ରମେଶଚନ୍ଦ୍ର ବିଶୋଇ, ବରିଷ୍ଠ ନାଗରିକ ସଂଘ ସଭାପତି ସୁବାସ ଚନ୍ଦ୍ର ସାହୁ ଓ ସମ୍ପାଦକ କୃଷ୍ଣଚନ୍ଦ୍ର ନନ୍ଦଙ୍କ ଅନ୍ୟ ବରିଷ୍ଠ ନାରିକମାନେ ଉପସ୍ଥିତ ଥିଲେ।

# ଘର ନିର୍ମାଣକୁ କେନ୍ଦ୍ରକରି ବିବାଦ

**କଣିହାଁ, ୧୨।୧୦(ଡି.ଏନ.ଏ.)**

ଘର ନିର୍ମାଣ ପାଇଁ ବାଲି ଆଣିବାକୁ କେନ୍ଦ୍ରକରି ରେଙ୍ଗାଳି ଗ୍ରାମବାସୀ ଏବଂ ରେଙ୍ଗାଳି ଡ୍ୟାମ ସାଇଟ ବଜାରବାସୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଏ ନେଇ ଉଭୟ ପକ୍ଷ ରେଙ୍ଗାଳି ଥାନାରେ ଅଭିଯୋଗ କରିଛନ୍ତି। ଘଟଣାରୁ ଜଣାପଡିଛି, ରେଙ୍ଗାଳି ଡ୍ୟାମ ଅଧିକୃତ ସ୍ଥାନରେ ବିଭନ୍ନ ସ୍ଥାନରୁ ଲୋକେ ଆସି ଦୀର୍ଘ ବର୍ଷ ହେଲା ବସବାସ କରିଆସୁଛନ୍ତି। ରେଙ୍ଗାଳି ଗ୍ରାମ୍ୟ କମିଟି ୬ ମାସ ହେଲା ପ୍ରକଳ୍ପ ଅଞ୍ଚଳକୁ ବାଲି, ପଥର ଇଟା ଆଦି ଯୋଗାଣରେ କଟକଣା ଜାରି କରିଥିବା ଜଣାଯାଇଛି। ସେହିପରି ପ୍ରକଳ୍ପ ଅଧିକୃତ ସ୍ଥାନରେ କୌଣସି ବେଆଇନ ନିର୍ମାଣ ପାଇଁ ମଧ କର୍ତ୍ତୃପକ୍ଷ ବାରଣ କରିଛନ୍ତି। ଶୁକ୍ରବାର ରାତିରେ ପ୍ରକଳ୍ପ ଅପେରାପଡିଆ ଅଞ୍ଚଳର ଜଣେ ଯୁବକ ଘର କାମ ପାଇଁ ଏକ ଟ୍ରିପ ବାଲି ଆଣିଥିଲେ। ଏହାକୁ ରେଙ୍ଗାଳି ଗ୍ରାମର କିଛି ଯୁବକ ବିରୋଧ କରିଥିଲେ। ଏହାକୁ କେନ୍ଦ୍ର କରି ପ୍ରକଳ୍ପ ଅଞ୍ଚଳର ଯୁବକ ଓ ରେଙ୍ଗାଳି ଗ୍ରାମର ଯୁବକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା।



ଥାନା ସମ୍ମୁଖରେ ଉଭୟ ପକ୍ଷର ଯୁବକମାନେ।

ରେଙ୍ଗାଳି ଗ୍ରାମର ଯୁବକମାନେ ଅନ୍ୟ ପକ୍ଷର ଯୁବକଙ୍କୁ ଏବଂ ବାଲି ଆଣିଥିବା ଟ୍ରକ ଚାଳକଙ୍କୁ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଅପରପକ୍ଷେ ପ୍ରକଳ୍ପ ବଜାରର ଯୁବକମାନେ ରେଙ୍ଗାଳି ଗ୍ରାମର ଯୁବକଙ୍କୁ ମାଡ଼ ମାରିଥିବା ନେଇ ଗ୍ରାମ୍ୟ କମିଟିର ସଦସ୍ୟମାନେ ଶନିବାର ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ସମାଧାନ ପାଇଁ ପୋଲିସ ଉଭୟ ପକ୍ଷଙ୍କ ସହ ଆଲୋଚନା କରିଥିଲା। ଲକ୍ଷ୍ମୀପୂଜା ଭସାଣି ପରେ ରେଙ୍ଗାଳି ହାତିଆଦନ୍ତା ଗ୍ରାମବାସୀ ଓ ବଜାର ବାସିନ୍ଦାଙ୍କ ମଧ୍ୟରେ ବୈଠକ ବସି ସମସ୍ୟା ସମାଧାନ କରାଯିବ ବୋଲି କୁହାଯିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ନେଇ ଥାନାରେ କୌଣସି ମାମଲା ରୁଜୁ କରାଯାଇ ନ ଥିବା ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି।

■କୋଇଲା ପରିବହନରେ ଏକଚାଟିଆ କାରବାର ଅଭିଯୋଗ

# ଟ୍ରକ୍ ମାଲିକଙ୍କ ଧାରଣା, ଦାବିପତ୍ର

**ତାଳଚେର,୧୨।୧୦(ନି.ପ୍ର.)**

ତାଳଚେର କୋଲ ଫିଲଡ୍‌ସର ଭୁବନେଶ୍ୱରୀ, ଜଗନ୍ନାଥ ଓ ଅନନ୍ତ ପ୍ରୋଜେକ୍ଟର କ୍ଷତିଗ୍ରସ୍ତ ଆଞ୍ଚଳିକ ଟ୍ରକ୍ ମାଲିକମାନେ କୋଇଲା ଲୋଡିଂ ସମସ୍ୟା ନେଇ ଶନିବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ସହ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଟ୍ରକ୍ ମାଲିକମାନେ ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ଭୁବନେଶ୍ୱରୀ, ଜଗନ୍ନାଥ ଓ ଅନନ୍ତ ପ୍ରୋଜେକ୍ଟ ଦ୍ୱାରା କ୍ଷତିଗ୍ରସ୍ତ ପ୍ରାୟ ଏକ ହଜାର ଟ୍ରକ୍ ମାଲିକ କୋଇଲା ପରିବହନ କରି ଜୀବିକା ନିର୍ବାହ କରୁଛନ୍ତି। କିନ୍ତୁ ଏବେ ଶେରାୱାଲି ନାମକ କମ୍ପାନୀ ଓ ଠିକା ସଂସ୍ଥା ସମଗ୍ର କୋଇଲା ପରିବହନ ବ୍ୟବସ୍ଥାକୁ ନିଜ ଅକ୍ତିଆରକୁ ନେଇ ଏକଚାଟିଆ ଭାବେ ବ୍ୟବସାୟ ଚଳାଇବା ପାଇଁ ମସୁଧା କରୁଛି। ଫଳରେ କ୍ଷତିଗ୍ରସ୍ତ ଟ୍ରକ୍ ମାଲିକମାନେ ପୂର୍ବପରି କୋଇଲା ପରିବହନ କରିପାରୁ ନ ଥିବାରୁ ଆର୍ଥିକ ସମସ୍ୟାରେ ପଡ଼ିଛନ୍ତି। ଯଦି ଉକ୍ତ କମ୍ପାନୀ ଓ ଠିକା ସଂସ୍ଥା ଏପରି କାର୍ଯ୍ୟ ଜାରି ରଖି ତେବେ ପ୍ରାୟ ୫୦ଟି ଗ୍ରାମର ଦୁଇ ହଜାର ପରିବାରର ଜୀବନ ଜୀବିକା ଦୁର୍ବିଷହ ହୋଇପଡିବ। ତେଣୁ ଯଥାଶୀଘ୍ର ଏହାର ସମାଧାନ କରା ନ ଗଲେ ଆଞ୍ଚଳିକ ଟ୍ରକ୍ ମାଲିକମାନଙ୍କ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଇଂ ମନୋଜ କୁମାର ପ୍ରଧାନ, ପର୍ଶୁରାମ ସାହୁ, ଅବନୀକାନ୍ତ ସାହୁ, ରାମଚନ୍ଦ୍ର ସାହୁ, କରୁଣାକର ସାହୁ, ବିଜୟ କୁମାର ସାହୁ, ସୁନୀଲ କୁମାର ବିଶ୍ୱାଳ, ନିରଞ୍ଜନ ପ୍ରଧାନ, ସୂର୍ଯ୍ୟକାନ୍ତ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି। ଉକ୍ତ ଦାବିପତ୍ରକୁ ଟ୍ରକ୍ ମାଲିକମାନେ ସହକାରୀ ଜିଲାପାଳ ଗୌରୀ ନାଏକ, ବିଡିଓ ନେତ୍ରାନନ୍ଦ ମଲିକଙ୍କୁ ପ୍ରଦାନ କରିଛନ୍ତି। ଏହାର ନକଲ ମୁଖ୍ୟମନ୍ତ୍ରୀ, ଢେଙ୍କାନାଳ ଏମ୍‌ପି, ତାଳଚେର ବିଧାୟକ, ଅନୁଗୋଳ ଜିଲାପାଳ, ଏସ୍‌ପି ଓ ତାଳଚେର ଏସ୍‌ଡିପିଓଙ୍କୁ ପ୍ରଦାନ କରାଯାଇଛି।



ଟ୍ରକ୍ ମାଲିକମାନେ ଧାରଣା ଦେଇଛନ୍ତି।

## ସାପ୍ତାହିକ କାର୍ଯ୍ୟକ୍ରମ

**୧୩।୧୦।୧୯**

**ବଁଅରପାଳ**

♦ମା' ବ୍ରହ୍ମାୟଣୀଙ୍କ ବାର୍ଷିକ ଯାତ୍ରା
ସ୍ଥାନ– ଗୋତମରା
ସମୟ–ଅପରାହ୍ନ ୨ଟା

**ଢେଙ୍କାନାଳ**

♦୩୪ତମ ନଟରାଜ କୁମାରୋତ୍ସବ
ସ୍ଥାନ: ମିନି ଷ୍ଟାଡିୟମ୍
ସମୟ: ସନ୍ଧ୍ୟା ସାଢ଼େ ୬ଟା।

♦ଢେଙ୍କାନାଳ କୁମାରୋତ୍ସବ
ସ୍ଥାନ: ଗୋପବନ୍ଧୁ ଟାଉନ୍ ହଲ
ସମୟ: ସନ୍ଧ୍ୟା ୬ଟା।

**୧୪।୧୦।୧୯**

♦ଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ
ସ୍ଥାନ–ଗୋତମରା
ସମୟ– ରାତି ୯ଟା

**ଅନୁଗୋଳ**

♦ମିଳିତ ଜନଶୁଣାଣି ଶିବିର
ସ୍ଥାନ– ଜିଲା କାର୍ଯ୍ୟାଳୟ
ସମୟ– ପୂର୍ବାହ୍ନ ୧୦ଟା

**ନାଲ୍କୋନଗର**

♦ନେସର ବୈଠକ
ସ୍ଥାନ–ନେସ୍ କାର୍ଯ୍ୟାଳୟ
ସମୟ–ସନ୍ଧ୍ୟା ୭ଟା

**୧୫।୧୦।୧୯**

**ବଁଅରପାଳ**

♦ଲକ୍ଷ୍ମୀପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ
ସ୍ଥାନ–କୁଲାଡ଼
ସମୟ–ସନ୍ଧ୍ୟା ୬ଟା

**ଅନୁଗୋଳ**

♦ଭୋଟର ତାଲିକା ଯାଞ୍ଚ
ସ୍ଥାନ– ଅନୁଗୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ
ସମୟ– ଅପରାହ୍ନ ୪ ଟା

**୧୬।୧୦।୧୯**

**ବଁଅରପାଳ**

♦କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ
ସ୍ଥାନ– ନାଲ୍କୋ
ସମୟ–ସନ୍ଧ୍ୟା ୮ଟା

## ସଂକ୍ଷେପରେ

### ଟଙ୍କା ହଡ଼ପ ଅଭିଯୋଗ

ବଇଣ୍ଡା,୧୨।୧୦(ଡି.ଏନ.ଏ.)- ଆଠମଲ୍ଲିକ ଅଞ୍ଚଳର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମନୀଷା ତ୍ରିପାଠୀଙ୍କୁ ପୁରୀ ଜିଲା ବନମାଳିପୁର ଗ୍ରାମର ନିରଞ୍ଜନ ବସ୍ତିଆ ଓରଫ ବାପି ଭୁବନେଶ୍ୱରରେ ଏକ ଜମି ଦେବାକୁ କହି ୨୦ ଲକ୍ଷ ୩ ହଜାର ୫୦୦ ଟଙ୍କା ଲୁଟି ନେଇଥିବା ମନୀଷା ଶନିବାର ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୭୯/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ହଣ୍ଡପା ଥାନା ସେକେଣ୍ଡ ଅଫିସର ସରୋଜ କୁମାର ଦାସଙ୍କ ସୂତ୍ରରୁ ପ୍ରକାଶ, ମନୀଷାଙ୍କ ସହ ନିରଞ୍ଜନ ଭୁବନେଶ୍ୱରଠାରେ ପରିଚିତ ହେବା ପରେ ଏକ ଜମି କିଣିବା ପାଇଁ କହିଥିଲେ। ଏହାର ସୁଯୋଗ ନେଇ ନିରଞ୍ଜନ ତାଙ୍କ ଠାରୁ ୨୦ ଲକ୍ଷ ୩ ହଜାର ୫୦୦ ଟଙ୍କା ନେଇଥିଲେ। ହେଲେ ସେ ତାଙ୍କୁ ଜମି ଦେଉ ନ ଥିବାରୁ ମନୀଷା ଥାନାର ଦ୍ୱାରସ୍ଥ ହୋଇଛନ୍ତି।

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ବଇଣ୍ଡା,୧୨।୧୦(ଡି.ଏନ.ଏ.)-ବଇଣ୍ଡା ଗ୍ରାମର ସୁଭଦ୍ରା ନାୟକଙ୍କୁ ତାଙ୍କ ସ୍ୱାମୀ ଠାକୁରଗଡ଼ ଗ୍ରାମର ରବୀନ୍ଦ୍ର ବେହେରା ନିର୍ଯାତନା ଦେଉଥିବା ସୁଭଦ୍ରା ଶନିବାର ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୭୮/୧୯ରେ ମାମଲା ରୁଜୁ କରିଛି। ରବୀନ୍ଦ୍ର ୨ୟ ବିବାହ କରିବା ସହିତ ତାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଭଙ୍ଗାଗଲା ରାଧାକୃଷ୍ଣ ମନ୍ଦିର



ବଇଣ୍ଡା,୧୨।୧୦(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ରାଧାକୃଷ୍ଣ ମନ୍ଦିରକୁ ଶନିବାର ଠିକାସଂସ୍ଥା ପକ୍ଷରୁ ଭଙ୍ଗାଯାଇଛି। ୫୫ ନଂ. ଜାତୀୟ ରଜପଥ ସମ୍ପ୍ରସାରଣରେ ଉକ୍ତ ମନ୍ଦିର ଉଚ୍ଛେଦ କରିବା ପାଇଁ ପୂର୍ବରୁ ପ୍ରଶାସନିକ ଅଧିକାରୀମାନେ ନୋଟିସ ମାଧ୍ୟମରେ ଅବଗତ କରାଇଥିଲେ ମଧ ଗ୍ରାମବାସୀଙ୍କ ଅନୁରୋଧକ୍ରମେ ଏହାକୁ କିଛିଦିନ ପାଇଁ ଘୁଞ୍ଚାଇ ଦିଆଯାଇଥିଲା। ସେହିପରି ବଇଣ୍ଡା ଶିବ ମନ୍ଦିରକୁ ଭଙ୍ଗାଯିବାର କାର୍ଯ୍ୟକ୍ରମ ଥିବାବେଳେ ଶନିବାର ଗ୍ରାମବାସୀମାନେ ଏକ ଅସ୍ଥାୟୀ ଘର ନିର୍ମାଣ କରି ପୂଜାର୍ଚ୍ଚନା କରି ମନ୍ଦିରକୁ ସ୍ଥାନାନ୍ତର କରିଛନ୍ତି। ଗ୍ରାମର ରମେଶ କୁମାର ଟିକ୍ରୱାଲା, ସୁଦାମଚରଣ ସାହୁ, ରମେଶ କୁମାର ବେହେରା, ଲକ୍ଷ୍ମଣ କୁମାର ବେହେରା, ଅଭିରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ■ଆଜି ଧରାବତରଣ କରିବେ ମା' ଲକ୍ଷ୍ମୀ

# ସଜେଇ ହୋଇଛି ୨୯ ମଣ୍ଡପ

ଅନୁଗୋଳ ଅଫିସ, ୧୨।୧୦



ଧରାବତରଣ କରିବେ ମା ଲକ୍ଷ୍ମୀ। ଏ ନେଇ ଅନୁଗୋଳ ସହର ସଜେଇ ହୋଇଛି। ରବିବାରଠାରୁ ମା'ଙ୍କ ପୂଜା ଆରମ୍ଭ ହେବ। ମା'ଙ୍କ ଆଗମନ ପାଇଁ ସହରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ମୋଟ ୨୯ ପୂଜା ମଣ୍ଡପ ନିର୍ମାଣ କରାଯାଇଥିବାବେଳେ କେବଳ ଚକ୍ଷୁଦାନକୁ ଅପେକ୍ଷା କରିଛନ୍ତି ସହରବାସୀ।

ପୂଜା ପାଇଁ ଆୟୋଜକଙ୍କ ଠାରୁ ଆରମ୍ଭ କରି ସହରବାସୀଙ୍କ ପର୍ଯ୍ୟନ୍ତ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳୁଛି। ଆଲୋକମାଳାରେ ନବବଧୂ ଭଳି ସହର ସଜେଇ ହୋଇଛି। ରଙ୍ଗ ବେରଙ୍ଗର ଆଲୋକମାଳା ସାଙ୍ଗକୁ ଏଲ୍ଇଡ଼ି ଲାଇଟ୍ ଗେଟ ଗୁଡ଼ିକ ସହରର ସୌନ୍ଦର୍ଯ୍ୟକୁ ଦୁଇ ଗୁଣିତ କରିଛି। ରବିବାର ସନ୍ଧ୍ୟାରେ ବିଭିନ୍ନ ମଣ୍ଡପର କଳସ ଶୋଭାଯାତ୍ରା କରାଯାଇ ପୂଜାର୍ଚ୍ଚନା କରିବା ପରେ କଳସ ସ୍ଥାପନ କରାଯିବ। ରାତିରେ ମା'ଙ୍କର କପର୍ଦକ ପୂଜା ସହ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯିବ। ସହରର ସବୁଠାରୁ ପୁରାତନ ମଣ୍ଡପ ମଧ୍ୟରେ ଲକ୍ଷ୍ମୀ ବଜାର, ବଜାର ଛକ, ବସ୍ଷ୍ଟାଣ୍ଡ, କାଞ୍ଚନ ଟକିଜ୍ ବଜାର, ଅମଲାପଡ଼ା ଜୟଦୁର୍ଗା ପୂଜା କମିଟି, ହୁଲୁରୁସିଂହା, ହରିମହୁରୀ ଛକ, କଲେଜ ଛକ ପ୍ରଭୃତି ମଣ୍ଡପ ସହ କରଡ଼ାଗାଡ଼ିଆ, କଳିଙ୍ଗ ମାର୍କେଟ, ଶାନ୍ତି ବଜାର, ସୂଚନା କେନ୍ଦ୍ର, ମା' ବୁଢ଼ୀ ବଜାର, ଡେଲି ମାର୍କେଟ, ସଞ୍ଜିବନୀ ମାର୍କେଟ, ରାଜ୍ ହୋଟେଲ ଛକ, ଏନ୍ଏଚ୍ ଅଫିସ ଛକ, ହନୁମାନ ବଜାର, ତାମ୍ରିତ କଲୋନୀ, ଆଶ୍ରମ ଛକ, ଡିଆଇସି ଛକ, ଶିକ୍ଷକପଡ଼ା, ନନ୍ ଭେଜ ମାର୍କେଟ, କମଳା ଫାର୍ମ ଛକ, ହାତୀଶାଳ ପଡ଼ା, ପଞ୍ଚମୁଖୀ ମାର୍କେଟ, ଜଗନ୍ନାଥ ମାର୍କେଟ କମ୍ପ୍ଲେକ୍ସ, ପ୍ରଗତିନଗର ଆଦି ସ୍ଥାନରେ ଏଥର ମା ଲକ୍ଷ୍ମୀଙ୍କ ପୂଜା ଧୁମ୍ଧାମରେ ପାଳନ କରାଯାଉଛି। ସେହିପରି ସହରକୁ ପୂଜା ଦେଖିବାକୁ ଆସୁଥିବା ଲୋକଙ୍କୁ ଆକୃଷ୍ଟ କରିବାକୁ ଦଶହରା ପଡ଼ିଆରେ ମିନା ବଜାର ଖୋଲାଯାଇଛି। ପୂଜାକୁ ଶାନ୍ତି ଶୃଙ୍ଖଳା ସହ ଶେଷ କରିବା ପାଇଁ ସେଣ୍ଟ୍ରାଲ ପୂଜା କମିଟି ପକ୍ଷରୁ ସହରବାସୀଙ୍କୁ ନିବେଦନ କରାଯାଇଛି। ସହରସାରା ପୋଲିସ ମୁତୟନ କରାଯାଇଛି। ଅନ୍ୟପକ୍ଷରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ଛିନତାଇ, ପକେଟମାର, ମଦ୍ୟପଙ୍କ ଉପରେ ସାଦା ପୋଷାକଧାରୀ ପୋଲିସ ନଜର ରଖିଥିବା ଜଣାପଡ଼ିଛି।

## ଚର୍ମରୋଗରେ ଶତାଧିକ ଗୋରୁ ଆକ୍ରାନ୍ତ

ଛେଣ୍ଡିପଦା,୧୨।୧୦ (ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ୮ ପଞ୍ଚାୟତର ଶତାଧିକ ଗୋରୁ ଚର୍ମ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ବ୍ଲକର ନୂଆଗାଁ, କଣଲୋଇ, ପାତ୍ରପଡା, ବରସାହି, ବାଗଡିଆ, ଟାଙ୍ଗିର, ପାଟକମୁଣ୍ଡା, ମାଛକୁଟା, ଶିମିଳିପାଳ ଆଦି ପଞ୍ଚାୟତର ବହୁ ସଂଖ୍ୟାରେ ଗୋରୁଙ୍କଠାରେ ଚର୍ମ ରୋଗ ଦେଖାଦେଇଛି। ଏଥିପାଇଁ କୌଣସି ଔଷଧ କିମ୍ବା ଟିକା ନ ଥିବା ପ୍ରାଣୀ ଚିକିତ୍ସକ କହୁଥିବାବେଳେ ଏହି ରୋଗ ବ୍ୟାପିବାରେ ଲାଗିଛି। ଗୋରୁଙ୍କ ଶରୀରରେ ପ୍ରଥମେ ଫୋଟକା ପରି ହେଉଛି। ପରେ ଏହା ଫାଟି ଘା ହୋଇଯାଉଛି। ଫଳରେ ଗୋରୁ ଦୁର୍ବଳ ହୋଇପଡୁଛନ୍ତି। ଏ ସମ୍ପର୍କରେ ଛେଣ୍ଡିପଦା ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ବିକାଶ ବେହେରା କହିଛନ୍ତି, ସରକାରଙ୍କ ପକ୍ଷରୁ ଘା ଶୁଖିବା ପାଇଁ ମିଳୁଥିବା ଆଣ୍ଟିବାୟୋଟିକ୍ ଚାଷୀମାନଙ୍କୁ ମାଗଣାରେ ଦିଆଯାଉଛି। ଏଥିସହ ଆୟୁର୍ବେଦ ପଦ୍ଧତିରେ ଚିକିତ୍ସା କରିବାକୁ ପରାମର୍ଶ ଦିଆଯାଉଥିବା ସେ କହିଛନ୍ତି।



## ■ଆଜିଠାରୁ ନାକ୍ଟି ଯାତ୍ରା

# ଚଳଚଞ୍ଚଳ ଗୋତମରା

ବଁଅରପାଳ, ୧୨।୧୦ (ଡି.ଏନ୍.ଏ)



ବଁଅରପାଳ ବ୍ଲକ ଗୋତମରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବ୍ରହ୍ମାୟଣୀଙ୍କ ଯାତ୍ରା ଉତ୍ସବ ରବିବାରଠାରୁ ଆରମ୍ଭ ହେବ। ଦୁଇ ଦିନ ଧରି ଏହି ଉତ୍ସବ ଚାଲିବ। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଗୋତମରା। ଯାତ୍ରା ଦିନ ଆଲମ ଘରୁ ଠାକୁରାଣୀଙ୍କ ଆଲମକୁ ଶୋଭାଯାତ୍ରାରେ ବିଭିନ୍ନ ବାଦ୍ୟବାଜଣା ସହକାରେ ଯାତ୍ରା ପୀଠକୁ ଅଣାଯିବ। ଏହାପରେ ସନ୍ଧ୍ୟାରେ ମାଜଣା ପର୍ବ ସହ ରାତିରେ ବଡ଼ପୂଜା ସମ୍ପନ୍ନ ହେବ। ଯାତ୍ରାରେ ବିଭିନ୍ନ ପ୍ରକାରର ଦୋକାନ ବଜାର ବ୍ୟବସାୟୀମାନେ ସେମାନଙ୍କର ପସରା ମେଲାଇ ରହିଛନ୍ତି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

# ବନଦୁର୍ଗାଙ୍କ ବାର୍ଷିକ ପୂଜା

ବଁଅରପାଳ, ୧୨।୧୦ (ଡି.ଏନ୍.ଏ)



ବଁଅରପାଳ ଅନ୍ତର୍ଗତ ଗାଡ଼ରଖାଇ ଗ୍ରାମରେ ମା ବନଦୁର୍ଗାଙ୍କ ଶନିବାର ବାର୍ଷିକ ପୂଜା ପାଳିତ ହୋଇଛି। ଅପରାହ୍ନରେ ଠାକୁରାଣୀଙ୍କ ଆଲମକୁ ବାଦ୍ୟବାଜଣା ସହକାରେ ଏକ ଶୋଭାଯାତ୍ରାରେ ପୀଠସ୍ଥଳିକୁ ଅଣାଯାଇଥିଲା। ପରେ ଦେବୀଙ୍କ ମାଜଣା ପର୍ବ ସହ ବଡ଼ପୂଜା ସମ୍ପନ୍ନ ହୋଇଥିଲା। ମାନସିକ ପାଇଁ ବହୁ ଶ୍ରଦ୍ଧାଳୁ ପୀଠରେ ଅଧିଆ ପଡ଼ିବା ସହ ଶିଶୁମାନଙ୍କ ମୁଣ୍ଡନ କରାଯାଇଥିଲା। ରାତିରେ ଦଣ୍ଡନୃତ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

# ବ୍ରାଉନ ସୁଗାର ସହ କାର ଜବତ, ୩ ଗିରଫ



ଅନୁଗୋଳ ଅଫିସ, ୧୨।୧୦

ଅନୁଗୋଳ ପୋଲିସ ଶୁକ୍ରବାର ରାତିରେ ବ୍ରାଉନସୁଗାର ଜବତ କରିବା ସହ ୩ ଜଣ ଯୁବକ କୁକୁଡ଼ାଙ୍ଗ ଗ୍ରାମର ସୁଗ୍ୟାନି ଦେହୁରୀ(୩୧), ତାପସ ନାଏକ(୩୭) ଓ ସୁବ୍ରତ ବାରିକ(୩୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସମ୍ପୃକ୍ତ ଯୁବକମାନଙ୍କଠାରୁ ୨୩.୬୫୦ ଗ୍ରାମ ବ୍ରାଉନସୁଗାର ଓ ଏକ କାର୍ ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କା ହେବ ବୋଲି ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି।

ପ୍ରକାଶ ଯେ, ବ୍ରାଉନସୁଗାର କାରବାର ସମ୍ପର୍କରେ ଅନୁଗୋଳ ପୋଲିସକୁ ଆଗୁଆ ଖବର ମିଳିଥିଲା। ଫଳରେ ପୋଲିସ ସେମାନଙ୍କୁ ଧରିବାକୁ ପୂର୍ବରୁ ପ୍ରସ୍ତୁତି କରିଥିଲା। ଖଲାରୀ–ଶୁଶୁଡ଼ା ମଝିରେ ଧୂସର ରଙ୍ଗର ଏକ କାର୍ (ନଂ. ଓଡି୦୨ଏକ୍ସ–୫୪୭୩) ଉପରେ ସନ୍ଦେହ ହେବାରୁ ପୋଲିସ ତାହାକୁ ଅଟକାଇଥିଲା। ତେବେ ଗାଡ଼ି ଚାଳକ ପୋଲିସକୁ ଦେଖି ଦ୍ରୁତଗତିରେ ଖସିଯିବାକୁ ଉଦ୍ୟମ କରିଥିଲେ। କିନ୍ତୁ ପୋଲିସ ଗାଡ଼ିକୁ ଅଟକାଇବାରେ ସକ୍ଷମ ହୋଇଥିଲା। ପଚରା ଉଚରା ସହ ଗାଡ଼ିର ତଲାସି ନେବାରୁ ସେଥିରୁ ୨୩ ଗ୍ରାମ ୬୫୦ ମିଲିଗ୍ରାମର ବ୍ରାଉନସୁଗାର ମିଳିଥିଲା। ଅନୁଗୋଳ ଲକ୍ଷ୍ମୀ ପୂଜାରେ ବେପାର କରିବାକୁ ଭୁବନେଶ୍ୱରରୁ ଏହି ବ୍ରାଉନ ସୁଗାର ଅଣାଯାଉଥିଲା ବୋଲି ଆଇଆଇସି କହିଛନ୍ତି।

## ୨ ଦୁର୍ଘଟଣା, ଜଣେ ମୃତ

ଅନୁଗୋଳ ଅଫିସ, ୧୨।୧୦

ଅନୁଗୋଳ ଜିଲା ବଁଅରପାଳ ଥାନା ମହୀଧରପୁର ଅଞ୍ଚଳରେ ଶନିବାର ଦୁଇଟି ଦୁର୍ଘଟଣାରେ ଜଣକର ପ୍ରାଣହାନୀ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଶୁଶୁଡା ଅଞ୍ଚଳର ପିଣ୍ଟୁ ଓରଫ ନରେଶ ମାହାଲିକ(୩୨)। ଦୁଇ ଗୁରୁତର ହେଲେ ଶୁଶୁଡା ଅଞ୍ଚଳର ସତ୍ୟବ୍ରତ ମହାପାତ୍ର ଓ ଫୁଲପଡା ଅଞ୍ଚଳର ଯଶବନ୍ତ ତ୍ରିପାଠୀ। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ମହୀଧରପୁର ଆଡୁ ଅନୁଗୋଳ ଅଭିମୁଖେ ଏକ ବାଇକ୍ (ନଂ. ଓଡି୧୯–କେ–୭୦୫୨)ରେ ନରେଶ ଓ ସତ୍ୟବ୍ରତ ଆସୁଥିବା ବେଳେ ବିପରୀତ ଦିଗରୁ ଯାଉଥିବା ଏକ ୪୦୭ ଟ୍ରକ୍ ଉଭୟଙ୍କୁ ହାଟଛକ ଠାରେ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ନରେଶ ମାହାଲିକଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ସତ୍ୟବ୍ରତଙ୍କୁ ଗୁରୁତର ଅବସ୍ଥାରେ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେହିପରି ମହୀଧରପୁରର କାଜୁ ସାହିରେ ଏକ ଟିପ୍ପର (ନଂ. ଓଡି୧୫ଏସ୍–୫୪୪୫) ଧକ୍କାରେ ବାଇକ୍ ଆରୋହୀ ଫୁଲପଡାର ଯଶୋବନ୍ତ ତ୍ରିପାଠୀ ଗୁରୁତର ହୋଇଥିଲେ। ଦୁର୍ଘଟଣା ପରେ ଉକ୍ତ ମିନିଟ୍ରକ ଓ ଟିପ୍ପର ଚାଳକ ଗାଡ଼ି ନେଇ ଫେରାର ହୋଇଯାଇଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ କରୁଛି।

## ■ସନ୍ତୋଷ ସ୍ମାରକୀ ଫୁଟ୍ବଲ

# ନାଲ୍କୋ ଚାମ୍ପିୟନ

ବଇଣ୍ଡା,୧୨।୧୦(ଡି.ଏନ.ଏ.)



କିଶୋରନଗର ବ୍ଲକ ହିମିତିରା ଖେଳ ପଡିଆରେ ଚାଲିଥିବା ଜିଲାସ୍ତରୀୟ ସନ୍ତୋଷ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍ଯାପିତ ହୋଇଛି। ନାଲ୍କୋ ଓ ବୌଦ୍ଧ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ନାଲ୍କୋ ୪–୦ ଗୋଲରେ ବିଜୟୀ ହୋଇଛି। ବିଜୟୀ ଦଳର ସଞ୍ଜୟ ହେମ୍ବ୍ରମ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ କିଶୋରନଗର ଥାନା ଆଇଆଇସି ପ୍ରତିଭା ମାଝି, ଅଧ୍ୟାପକ ତରଣୀସେନ ସାହୁ, କିଶୋରଚନ୍ଦ୍ର ବିଶ୍ୱାଳ, ବିନାୟକ ଦେହୁରି, ନବୀନ କୁମାର ପ୍ରଧାନ, ରଙ୍ଗାଧର ମହାନ୍ତି, ପ୍ରବୀଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରବୀଣ ବେହେରା, ସୁରେନ ବେହେରା, ଶଶିକାନ୍ତ ଦାସିଆ, ବିଶ୍ୱରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।

# ଚୌରାଶୀ ମହାଲକ୍ଷ୍ମୀ ପୂଜା ଆରମ୍ଭ

ମାଧପୁର, ୧୨।୧୦(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମାଧପୁର ଚୌରାଶୀ ମହାଲକ୍ଷ୍ମୀ ପୂଜା ଶନିବାର ଆରମ୍ଭ ହୋଇଛି। ଏହି ଅବସରରେ କଳସ ଶୋଭାଯାତ୍ରା ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଏବଂ ପୁରୁଷ ଏହି ଶୋଭାଯାତ୍ରାରେ ସାମିଲ ହୋଇ କନ୍ଧପଡା ନାଳରୁ ପାଣି ଆଣି ମା'ଙ୍କ ନିକଟରେ କଳସ ସ୍ଥାପନ କରିଥିଲେ। ୧୨ ଦିନ ଧରି ଏହି ପୂଜା ଚାଲିବ। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପୂଜା ଅବସରରେ ବିଭିନ୍ନ ଦୋକାନ ସହ ମିନାବଜାର ପଡିଛି। ୧୪ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ କଂସ ଦରବାର ଚାଲିବ ବୋଲି ସ୍ଥିର ହୋଇଛି। ପୂଜା ଦେଖିବାକୁ ବହୁ ସଂଖ୍ୟାରେ ଲୋକଙ୍କ ଭିଡ଼ ଜମୁଛି।

# ଅକ୍ଷୟ ସଙ୍ଗୀତ କଲା ମତୁଆଲା



ଅନୁଗୋଳ ଅଫିସ, ୧୨।୧୦

ଅନୁଗୋଳର ସେବା ଓ ସାଂସ୍କୃତିକ ଅନୁଷ୍ଠାନ ନ୍ୟାଶନାଲ ଆସୋସିଏଶନ୍ ଅଫ୍ ମାସ୍ ଏମ୍ପାୱାରମେଣ୍ଟ ସର୍ଭିସ୍ (ନେମ୍ସ) ପକ୍ଷରୁ ସ୍ୱର୍ଗତ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କ ୮୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଗୋଳ ପୌରପାଳିକା ଟାଉନ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଅକ୍ଷୟଙ୍କ ସଙ୍ଗୀତରେ ଦର୍ଶକ ମତୁଆଲା ହୋଇଥିଲେ।

ଅକ୍ଷୟଙ୍କ ଯାଯାବର ପାଖରୁ ଆରମ୍ଭ କରି ଯାରେ ଭାସି ଭାସି ଯା, ଦୁନିଆ ଜାଣେନା, ସାଗର ବୁକୁରେ, ଦେଖିଲି କାଲି ମୋର ଝରକା ଖୋଲି, ଶିକାରୀ ଭାଇ ଯାଉଛ କାହିଁ... ଆଦି ଗୀତ କଣ୍ଠଶିଳ୍ପୀ ସରୋଜ ସାହୁ, ପ୍ରକାଶ ଗଡ଼ନାୟକ, ମହାପ୍ରସାଦ ମିଶ୍ର, ଦିବ୍ୟାଂଶୁ ସାହୁ ପ୍ରମୁଖ ବୋଲି ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ସେହିପରି ନୃତ୍ୟ ନିଳୟର କଳାକାରମାନେ ଅକ୍ଷୟ ମହାନ୍ତିଙ୍କ ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ କବୟିତ୍ରୀ ଡ. ଇନ୍ଦିରା ଦାଶ, କଣ୍ଠଶିଳ୍ପୀ ସରୋଜ ସାହୁ ଓ ଅଭିନେତା ଅଶୋକ ଦାସଙ୍କୁ ଅକ୍ଷୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଶାନ୍ତନୁ ସର, ସମ୍ମାନିତ ଅତିଥି ଭାବେ ଆମେ ବଞ୍ଚିବୁ ନାଟ୍ୟାନୁଷ୍ଠାନ ସଭାପତି ମୁକୁନ୍ଦ ଶତପଥୀ, ନେମ୍ସ ଅନୁଷ୍ଠାନ ସମ୍ପାଦକ ଅଂଶୁମାନ ନାଏକ, ସଂଯୋଜକ ଅନୁଷ୍ଠାନ ସଭାପତି ଦିପୁନ ପାଣି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଖୋକା ଭାଇ ଯିବା ପରେ ତାଙ୍କ ସ୍ଥାନ ଅପୂରଣୀୟ ହୋଇ ରହିଛି ବୋଲି ମତବ୍ୟକ୍ତ କରିଥିଲେ।

# ୧୨ ମଣ୍ଡପରେ ପୂଜା ପାଇବେ ଧନଦାତ୍ରୀ

ପାଲଲହଡ଼ା, ୧୨।୧୦(ଡି.ଏନ.ଏ.)



ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡର ଗଣପର୍ବ ମା' ଧନଦାତ୍ରୀଙ୍କ ପୂଜା ରବିବାରଠାରୁ ଆରମ୍ଭ ହେବ। ଏଥିପାଇଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇପଡିଛି। ପୂଜାକୁ ଆଡମ୍ବର ସହକାରେ ପାଳନ କରିବାକୁ କମିଟିଗୁଡିକର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ପାଲଲହଡା, ଖମାର, ଶାସନ ସାହି, କଦମ୍ବ ଚୌକ ସାହି, ସାମନ୍ତ ସାହି, ଉଦୟପୁର ସାହି, ଉଦିତ ନଗର, ରାମ ମନ୍ଦିର ଛକ, ସ୍କୁଲ ସାହି, ନୂଆ ବସଷ୍ଟାଣ୍ଡ, ପୁରୁଣା ଗୌଡ଼ ସାହି, ପୋଷ୍ଟ ଅଫିସ ରୋଡ଼ ପୂଜା କମିଟି ପକ୍ଷରୁ ନିର୍ମିତ ୧୨ ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା କରାଯିବ। ତେବେ ପୂଜାକୁ ସ୍ୱତନ୍ତ୍ର ତଥା ଆକର୍ଷଣୀୟ କରିବାକୁ ସବୁ କମିଟି ପକ୍ଷରୁ ପ୍ରତିଯୋଗିତାମୂଳକ ଭାବେ ମଣ୍ଡପ ନିର୍ମାଣ କରାଯାଉଛି। ରାଜ୍ୟ ତଥା ରାଜ୍ୟ ବାହାରର କାରିଗରଙ୍କ ଦ୍ୱାରା ମୂର୍ତ୍ତି, ତୋରଣ ଆଦି ତିଆରି କରାଯାଇଛି। ପୂଜା କମିଟି ପକ୍ଷରୁ ବିଭିନ୍ନ କିସମର ଦୋଳି, ମିନାବଜାର ଆଦି ପକାଯାଇଛି। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ପାଇଁ ପାଲଲହଡ଼ା ପୋଲିସ ପକ୍ଷରୁ ବନ୍ଦୋବସ୍ତ କରାଯାଇଛି। ପୂଜା ଅବସରରେ ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି ଯେପରି କରା ନ ଯାଏ ଏବଂ ଶ୍ରଦ୍ଧାଳୁଙ୍କୁ ବିଶୁଦ୍ଧ ପାନୀୟ ଯୋଗାଣ ଉପରେ ଦୃଷ୍ଟିଦେବାକୁ ଉପଜିଲାପାଳ ଅଜିତ କୁମାର ପ୍ରଧାନ ସ୍ୱାସ୍ଥ୍ୟ ବିଭାଗ ଏବଂ ଗ୍ରାମ୍ୟ ଜଳଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ୨୨ ତାରିଖ ପର୍ଯ୍ୟନ୍ତ ପୂଜା ଚାଲିବାକୁ ଥିବାବେଳେ ୨୩ ତାରିଖରେ ଭସାଣି ଅନୁଷ୍ଠିତ ହେବ। ପୂଜା ସୁଚାରୁରୂପେ ପାଳନ ପାଇଁ ଏକ କେନ୍ଦ୍ରୀୟ ଗଜଲକ୍ଷ୍ମୀ କମିଟି ଗଠନ କରାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ବିଶେଷ ଧ୍ୟାନ ଦିଆଯିବ ବୋଲି କମିଟି ସଭାପତି ଲିଙ୍ଗରାଜ ଦାସ ଏବଂ ସମ୍ପାଦକ ସୁଶୀଲ କୁମାର ସାମଲ କହିଛନ୍ତି।

## ପୌରପାଳିକା ପକ୍ଷରୁ ସଚେତନତା ବାର୍ତ୍ତା ପ୍ରଚାର

ଅନୁଗୋଳ ଅଫିସ, ୧୨।୧୦

ସହରକୁ ସ୍ୱଚ୍ଛ ଓ ନିର୍ମଳ ରଖିବାକୁ ଅନୁଗୋଳ ପୌରପାଳିକା ପକ୍ଷରୁ ନୂତନ ପଦକ୍ଷେପ ହାତକୁ ନିଆଯାଇଛି। ଲୋକଙ୍କୁ ସଚେତନ କରିବାକୁ ସ୍ଥିର କରି ସହରର ପ୍ରତି ଗଳିକନ୍ଦିରେ ପୌରପାଳିକା ସଚେତନତା ବାଣ୍ଟୁଛି। ଏକ ମାଇକ ସେଟ୍ କିଣାଯାଇ କିପରି ଲୋକେ ନିଜେ ପରିଷ୍କାର ରହିବା ସହ ସହରକୁ ସଫାସୁତୁରା ରଖିବେ ସେ ନେଇ ଶନିବାରଠାରୁ ପ୍ରଚାର ଆରମ୍ଭ କରାଯାଇଛି। ଏଣିକି ଏହିପରି ଭାବେ ଲୋକଙ୍କୁ ସଚେତନ କରାଯିବ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି। ପ୍ଲାଷ୍ଟିକ ବର୍ଜନ ସହ ଶୁଖିଲା ଓଦା ଅଳିଆ ଅଲଗା କରି ରଖିବା, ବ୍ୟବସାୟୀମାନେ ଡଷ୍ଟବିନ୍ ଦୋକାନ ସମ୍ମୁଖରେ ରଖିବା, ଟିକସ ଠିକ୍ ସମୟରେ ପୈଠ କରିବା, ରାସ୍ତା ଉପରେ ଘର ନିର୍ମାଣ ସାମଗ୍ରୀ ନ ପକାଇବା ଆଦି ଉପରେ ଲୋକଙ୍କୁ ସଚେତନ କରାଯାଉଛି।

